ମୃତ୍ୟୁରେ ମଧୁର କହ ସୁତ ଯେବେ ଲଭି । ସ୍ୱର୍ଗରେ ଦେବତା ମଧ୍ୟେ ଦର ଦ୍ୟନ୍ତି ଅଛି ।
ସେହୁ ଭାଷା ଶର ଜଲେ ବଶ ପ୍ରାୟେ ମଣି । ହୋମଲ ଦହନେ ନ ଦହନ୍ତି ହୋନ୍ତୁ ପ୍ରାଣୀ
ଅଧର୍ମରେ ଯଣ ନାହିଁ ଯେଉ ଉପୁ ନାଶ । ବବଶାଦଲରେ ଯେ ହରଉ ପତ୍ରବାସ ।
ଜ୍ଞାନ ଜ୍ଞାନ କଥାରେ ପଣ୍ଡିତ ଯେଉଁ ଜନ । ଏବେ ଲୋକ ଗୁଣ ପାନ୍ତୁ ଶୁଣ ହେ ଅର୍ଜୁନ
ଅର୍ଜୁନ ବୋଇଲେ ତୁମ୍ଭେ ଶୁଣିବା ଗୋସାଇଁ । ହୋଷ ନ ହଣବ ମନେ ପରବୃତ୍ତ ମୁହିଁ
ଅଶେଷ କୋଟି ବ୍ରହ୍ମାଣ୍ଡ ଭଙ୍ଗରେ ଭର । ହୋମ ସ୍ଥିର ହୋଷ୍ଟାଙ୍କୁ ଣ ଧ ଷାଲ ସହାଉ ।
ଶ୍ରୀକୃଷ୍ଣ ବୋଇଲେ ଯହା ପଚ୍ଛବଲ୍ ଲୋଚେ । ଏଥିର ପ୍ରସ୍ତାବ ପାର୍ଥ ନ ହେବା ହେତେ
ପଣ୍ଡିତ ଯେମନ ଏ ଷଡ଼ଶ ପ୍ରକୃତ । ଦେହ ଅନ୍ତ ହୋଇଲେ ଏ ହରନ୍ତି ଅପାର ।
ଯେଉଁ ପ୍ରାଣୀମାନେ ହୋନ୍ତି ପ୍ରକୃତିର ବଶ । ଅଯୁଷ ସ୍କୁଟେଇ ତାଙ୍କ ନାଶ ଯାଇ ଯଶ ।

Digitized by PPRACHIN, SOA

ଅଶେଷ ବ୍ରହ୍ମାଣ୍ଡ ଯେ ଗର୍ଭରେ ଅଟନ୍ତି ଯହୁଁ । ତୋର ସୁକୃତରୁ ପାର୍ଥ ଦର୍ଶନ ପାଉଁ ॥
ତେଣୁକରି ଯେଉଁ ଶ୍ଳୋକ ସଂହାରଇ ଭ୍ରମ । ସେମାନଙ୍କୁ ବୋଇଲେ ପାର୍ଥ ପୁରୁଷୋତ୍ତମ ॥
ପ୍ରକୃତି ବିଚାର ଯେବେ ଧାରଣା ହୋଇଲା । ସେ ରୂପ ଅମୃତ ଶୁଣି ଜ୍ଞାନ ହୋଇଲା ।
ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ଲକ୍ଷ୍ମୀପତି । କେମନ୍ତ ପ୍ରକାରେ ସେ ଯେ ଷୋଡ଼ଶ ପ୍ରକୃତି ॥
ଭିନ୍ନ ଭିନ୍ନ କରି ମୋତେ ବୁଝାଇଣ କହ । ଶୁଣ ହରି ଅନନ୍ତ ବସନ୍ତ ଜନ୍ମପୂହ ।
ଶ୍ରୀଧର ବୋଇଲେ ଏକମନେ ଶୁଣ ବୀର । ସୁପତ ଶାସ୍ତ୍ର ଏହୁ ଯେ ଗୁରୁଙ୍କ ଭଣ୍ଡାର ।
ଏ କଥା ମୋଟାକୁ ଯେବେ ବଳିଲା ଚିତ୍ତ । ବୁଝାଇ କହିବା ତୋତେ ଶୁଣ ପାଣ୍ଡୁସୁତ
ପୃଥ୍ୱୀ ଅପ ତେଜ ବାୟୁ ଆକାଶ ଦେହରେ । ଭୂତ ଯେ ପଞ୍ଚ ପ୍ରକୃତି ଯେବଣ ପ୍ରକାରେ ।
ସେହି ପଞ୍ଚତତ୍ତ୍ୱ ପାର୍ଥ ଯୋଗେ କହୁଛି ଯେବା ବାବୁ । ଯେ ଯାହାର ଯେଉଁ ନାମ କହିଦେବା ସବୁ
ପୃଥ୍ୱୀ ପାଞ୍ଚ ପ୍ରକୃତି କହିବା ଏବେ ଶୁଣ । ହାଡ଼ ମାଂସ ତ୍ୱକ ନାଡ଼ୀ ରକତ ପ୍ରମାଣ ।
ଏମନ୍ତ ପ୍ରକାରେ ପାର୍ଥ ଏ ପାଞ୍ଚ ପ୍ରକୃତି । ତେଜ କଥା ଶୁଣି ତୋର ମନ ହେଉ ଶାନ୍ତି ॥
କ୍ଷୁଧା ତୃଷ୍ଣା ନିଦ୍ରା ସେହ ଆଳସ୍ୟ ପାର୍ଥ । ଭୟ ଯେ ସତୃଷ୍ଣ ଏହାଙ୍କୁ ସଙ୍ଗେ ଜାଣ ।
ତେଜର ପ୍ରକୃତି ଏବେ ଶୁଣ ସବ୍ୟସାଚି । ବାୟୁ ଭିତରେ ପୁଣ ପାଞ୍ଚ ଗୁଣ ଅଛି ।
ଧାବନ ଚଳନ ବଳ ସଙ୍କୋଚନ କର । ସ୍ଥିର ହୋଇ ଏହା ବୁଝି ପାଞ୍ଚେ ନେଣି କର ।
ବାୟୁର ସ୍ୱଭାବ ଦିହା ଏ ସଙ୍ଗ କହି ବାବୁ । ଆକାଶ ପ୍ରକୃତି ପୁଣ କହିଦେବା ସବୁ ॥
ଲୋଭ ମୋହ କ୍ରୋଧ ଭୟ ଯେ ଲଜ୍ଜାକୁ ବୋଲି । ଆକାଶର ପାଞ୍ଚ ଏ ଅଟଇ ଫାଲଗୁନି ।
ପଚିଶ ପ୍ରକୃତି ଏ ଯେ ପଞ୍ଚତତ୍ତ୍ୱ ଜାତ । ଶୁଣିକରି ସନ୍ତୋଷ ହୋଇଲୁଟି ପାର୍ଥ ।
ଅର୍ଜୁନ କହିଲେ ପ୍ରଭୁ ପାଇଲି ପରତେ । ତୁମ୍ଭେ ନ କହିଲେ ପୁଣ କେ କହିବ ମୋତେ
ଜ୍ଞାନବନ୍ତ ହୋଇଲି ଶ୍ରୀମୁଖ ଆଜ୍ଞା ପାଇ । ତେଣୁକରି ତୁମ୍ଭଙ୍କୁ ମୁଁ ପୁଚ୍ଛିଲି ଗୋସାଇଁ ॥
ପ୍ରଣତ ବତ୍ସଳ ମୋର ପ୍ରଭୁ ଜଗନ୍ନାଥ । ନାମଭକ୍ତିଗୀତାରେ କହିବ ମୋତେ ଏହା ।
ହୃଦପଦ୍ମ ଭିତରେ ତ ନ ଥୋଇଲ ମାୟା । ଭୃତ୍ୟଜନ ଗୋଟାକୁ ତୁମ୍ଭର ଏତେ ଦୟା ॥
ଆବର ବଚନ ମୋର ଶୁଣିବା ଶ୍ରୀଧର । ଷଡ଼ଭୂଜ ପ୍ରକୃତି କହନ୍ତ ବିଶେଷ କରି ।
ଏହି ଦେହେ ଷଟଚକ୍ର ଅଛି କେଉଁ ସ୍ଥଳ । କେଉଁ ଚକ୍ରେ କେତେ ଦଳ କହ ପଦ୍ମମୁଖ
ତେଣୁକରି ଏକଥା ପଚାରୁଅଛି ତୋତେ । ଦେବ ଦେବ ସହଜେ କହିବା ପ୍ରଭୁ ମୋତେ ।
ଶ୍ରୀଧର ବୋଇଲେ କିପାଁ ନ କହିବା ପାର୍ଥ । ଯେଉଁ କଥା ଶୁଣିଲେ ଜାଣିବୁ ବେଦ ଅର୍ଥ ।
ମୂଳ କମଳରେ ଚାରି ଦଳ ଜାଣିଥିବ । ବନ୍ଧୁବ୍ରହ୍ମାଗଣପତି ଶଙ୍କିନୀ ଦେବ ।
ଛଅ ଯେ ପାଖୁଡ଼ା ଲିଙ୍ଗ କମଳର ତଳେ । କାମେଶ୍ୱର ଦେବତା । କାମିନୀ ଦେବୀ ତାକେ
ନାଭି କମଳରେ ଦଶ ପାଖୁଡ଼ା ଅର୍ଜୁନ । ବ୍ରହ୍ମା ସାବିତ୍ରୀଙ୍କର ଆସନ ସେହି ସ୍ଥାନ ।
ହୃଦପଦ୍ମ ମଧ୍ୟରେ ଦ୍ୱାଦଶଦଳ ମୂଳେ । ନାରାୟଣ ରୂପ ଯହିଁ ଲକ୍ଷ୍ମୀ ସେନ ହୋଇଲେ ।
କଣ୍ଠ କମଳରେ ଷୋଳଦଳ ମୂଳେ ପାର୍ଥ । ଶାକିନୀଙ୍କି ସେବନ ସଦାଶିବ ବସନ୍ତି ।
ଲଲାଟପାଟିରେ ପାର୍ଥ ଦୁଇଦଳ ଏହା । ନିରଞ୍ଜନ ହୋଇ ତହିଁ ଅବଶକ୍ତି ଲେଖା ।
ସିଦ୍ଧବସ୍ତୁ ପାଠ ଯେ ପ୍ରଥମେ ପଢ଼ି ଯାଇ । ପଞ୍ଚାଶରୁ ବାହାରନ୍ତି ଏ ସ୍ୱରଅକ୍ଷର ।

Digitized by PPRACHIN, SOA

ଷଠଶ ପ୍ରବନ୍ଧ ଯେ ପଞ୍ଚାଶ ବଳ କଥା । କୃଷ୍ଣଦାସ ଭଣଇ ଯେ ନାମରହସ୍ୟଗୀତା ।
ଶ୍ରୀହରି ବୋଇଲେ ତୁମ୍ଭେ ଶୁଣ ଫାଲଗୁନ । ଯେ ମୋହର ନାମ ଅର୍ଥ ପାଉବଇ ଯେନ ।
ଏକାଦଶୀବ୍ରତକୁ କେ ଅଛୁ ସମଜାଇ । ସାନ୍ଦୂଲେଖ ହୋଇବ କି ବତ୍ସ ସଙ୍ଗେ ଲକ୍ଷ୍ୟ ।
ଏ ମୋ ହରି ନାମବ୍ରହ୍ମ ଜପିପାରେ ଯେହୁ । ବ୍ରହ୍ମାଣ୍ଡ ଭିତରେ ତାକୁ ସର ନୋହେ କେହୁ ।
ସେ ନାମକୁ ଶାସ୍ତ୍ରମାନେ କହନ୍ତି ସମାନ । ଜନ୍ମାର ପାଇବୁ ଯେବେ ହୃଦପଦ୍ମେ ଯେଉ ।
ଏହା ବ୍ରହ୍ମ ଗୋଟାଏ ମଧ୍ୟରେ ଜାତ ହୋଇ । କୋଟିଏ ଜନ୍ମର ପାପ ଶିରେ ଅଛି ବହି ।
ଯମଦୂତମାନେ ତାଙ୍କୁ ଦଣ୍ଡିବା ନିମନ୍ତେ । ଯେ ଯାହାର ଅସ୍ତ୍ରମାନ ଧରଇନ୍ତି ହସ୍ତେ ।
ଚିତ୍ରଗୁପ୍ତ ଯେ ତାହା ପାପ ଲେଖି ଅଛି । ତଳେ ସେକ୍ଷଣେ ତାହା ଶାସ୍ତ୍ରେ ଛନ୍ତି ବସି ।
ଏମନ୍ତ ସମୟେ ତାର ଜନ୍ମଦୋଷ ଦେଲେ । ସେ ବୋଇଲା କୃଷ୍ଣନାମ ଧରିଥିବ ବଳେ ।
ବ୍ରହ୍ମାଣ୍ଡ ଭିତରେ ଯେତେ ଜନ୍ତୁ ଜୀବ ଯେତା । ପାଦପଦ୍ମେ ଜଡିବାକୁ ସବୁଙ୍କର ଚେଷ୍ଟା ।
ଜ୍ଞାନଦାମ ଧରି ଥାଇ ତଥାପି ଯେବେ । ଅମ୍ଭେ ନାମ ଦେଲେ ମଧ୍ୟ ଧର ଶ୍ରଦ୍ଧା ଏବେ ।
ଏତେ ବୋଲି ହୃଦରେ ଚନ୍ଦ୍ରମା ମହାପାପୀ । ମୃଣରେ ନ ବୋଲେ ତାହା ମନେ ମନେ ଜପି ।
ଅବଶ୍ୟ ବୋଲିବ ବୋଲି ବଳ ଏହି ଭୟ । ତାହା ଶୁଣି ଯମଙ୍କୁ ଲାଗିଲା ବଡ଼ ଭୟ ।
କଳ୍ପଦ୍ରୁ ବୋଇଲେ ଏ ବଡ଼ ଭାଗ୍ୟବନ୍ତ । ଲେଖିଥିଲ ଏହାର ପୁଣ୍ୟ କେ କହିବ ଅନ୍ତ ।
କୋଟିଏ ଯଜ୍ଞ ଯେଉଁ ନାମକୁ ଯେ ରକ୍ଷ । ଏ ହାଦେ ବୋଲିବ ବୋଲି କରୁଅଛି ବାଞ୍ଛା ।
ତେଣୁ ରଙ୍ଗ ଏହା ତୁଲେ ଅମ୍ଭେ ତୋହର ସର । ପୁଣ୍ୟବନ୍ତ ଲୋକଙ୍କୁ ତ ଆଣିଅଛୁ ଧରି ।
ଛାଡ଼ିଦିଅ ଏହାକୁ ବୈକୁଣ୍ଠପୁର ଯାଉ । ଠାକୁରଙ୍କ ପାଦପଦ୍ମେ ସେବା କରୁଥାଉ ।
ଏହା ଶୁଣି ତରସ୍ତ ହୋଇଲେ ଯମଦୂତେ । ବୋଇଲେ ଶ୍ରୀକୃଷ୍ଣନାମ ଜପୁଅଛି ଚିତ୍ତେ ।
ଚିତ୍ରଗୁପ୍ତ ଯେ ଭ୍ରାନ୍ତି ହୋଇ ଉଡିଗଲେ । ଏ କଥା ମନକୁ ବଡ଼ ଭୟ ହୋଇଲ ।
ଏମନ୍ତ ସମୟେ ବ୍ରହ୍ମା ସଙ୍ଗ ଅର୍ଘ୍ୟ ଯେନ । ପୂଜା କରିବାକୁ ତାଙ୍କୁ ଗଲେ ପଦ୍ମଯୋନ ।
ଦେଖି ଚିତ୍ରଗୁପ୍ତ ମନରେ ଭୟ କଲେ । ଲେଖନ ପ ଅଛି ପତ୍ର ଶୀଘ୍ର ଚିହ୍ନାଇଲେ ।
ତତ୍ପର ତୀକ୍ଷଣ ଯେ ମନରେ ମହାତାପ । ବୋଇଲେ ଅମ୍ଭଙ୍କ କର ଧରଥାଇ କୋପ ।
ଠାକୁରଙ୍କ ନାମକୁ ଏ କଲା ପ୍ରତିଅଭ୍ୟାସ । ଯହାହିଁ ଜଗତରେ ବ୍ରହ୍ମ ନ ପାରଇ ଭାଷା ।
କେବେଣ ବିଧାତା ଆଣି ଏତେ ଗଢ ଦେଲା । କେଉଁ ଠାରେ ବସି ଏ ଯେ କେତେ ତପ କଲା ।
ମରିବା ବେଳକୁ କୃଷ୍ଣନାମ କଲା ଜପ । ଅଜ ଜନ୍ମ ଏହା ଦେହେ ଅଛି କେଉଁ ପାପ ।
ଯେତେବେଳେ ସମନାମ ଜଲପିଲା ସେହି । ସବୁଙ୍କର ପୁଣ୍ୟ ଧର୍ମ ଯହାଇଲା ତାହି ।
ଅମ୍ଭେମାନେ କିପାଇଁ ଯେ ବସିଥିବା ଏଥି । ଠାକୁରଙ୍କ ସେବକ ବୈକୁଣ୍ଠପୁର ଯାନ୍ତି ।
ଏତେ ବୋଲି ଯମଦୂତେ ଗଲେ ଅପସରି । ବିଷ୍ଣୁଦୂତେ ନେଲେ ତାକୁ ପୁଷ୍ପରଥେ ଧରି ।
ବୈକୁଣ୍ଠ ଭୁବନେ ଯାଇ ହୋଇଲେ ପ୍ରବେଶ । ନାମର ମହିମା ମୋର ଶୁଣ ପାଣ୍ଡୁଶିଷ୍ୟ ।
ଦିବ୍ୟସ୍ଥଳ ଭୂମି ଏ ଅଗମ୍ୟ ବୋଲି ଲେଖି । କୋଟି କୋଟି ହର ବ୍ରହ୍ମା ନ ପାରନ୍ତି ଦେଖି ।
କେମନ୍ତେ ଦେଖିବେ ସେ ଯେ ଅଦୃଷ୍ଟିରେ ଅଛି । ନାମ ତୁଲ ନାହିଁ ହୃଦଇ ଅନ୍ତ ଅଛି ।
ନାମର ମହିମା ଅର୍ଥ ଶୁଣି ହେଲେ ତୋଷ । ନାମରହସ୍ୟଗୀତାରେ ଭଣିଲେ କୃଷ୍ଣ ଦାସ ।

Digitized by PPRACHIN, SOA

ଇତି ଶ୍ରୀ ନାମରତ୍ନଗୀତାୟାଂ ଶ୍ରୀହରି ଅର୍ଜୁନ ସମ୍ବାଦେ ସୃଷ୍ଟ୍ୟାଶ୍ରୟ ବର୍ଣ୍ଣନେ ନାମ ସପ୍ତମୋଽଧ୍ୟାୟଃ ।

ଅଷ୍ଟମ ଅଧ୍ୟାୟ ।

ହରିପଦେ ଯୋଡ଼ି ପୁଚ୍ଛା କରନ୍ତି ଅର୍ଜୁନ । ଅଦ୍ଭୁତ କଥାଏ ମୋତେ କହ ଭଗବାନ ।
ତୁମ୍ଭ ବିନା ମୋହର ଯେ ଗୁରୁ ଦୀନବନ୍ଧୁ । କଥାଏ ପଚାରୁଅଛି କହ କୃପାସିନ୍ଧୁ ।
ପାପ ପୁଣ୍ୟ କରଣ ସଂସାରେ ଦେହବନ୍ତ । କେଉଁ ଲୋକମାନଙ୍କର କୁଳ ଯାଇ ହତ ।
ଶ୍ରୀହରି ବୋଇଲେ ଯାହା ପଚାରିଲୁ ମୋତେ । ସାବଧାନ ହୋଇ ଶୁଣ କହଇଁ ମୁଁ ତୋତେ ।
ଯେବଣ ଲୋକର ହାତେ କୁଳ ଯାଇ ନାଶ । ବୁଝାଇ କହିବା ତୋତେ ଶୁଣ କୁନ୍ତୀଶିଷ୍ୟ
ଯେଉଁ ଲୋକ ସୋରୁ ଖାଇ ହରଇ ବନ୍ଧୁତ । ଅସମ୍ଭାଳ ହୋଇଣ ବଢ଼ଇ ଅପ୍ରମିତ ।
ନାନା ବେଗେ ନାଶ ଯାଇ ଅନ୍ଧ ହୋଏ ଆଖି । ଗୋହ ପଢ଼ ମରୁଥାଇ ନ ପାରଇ ଦେଖି
ଅଂ ହେଲା ହୋଇଲେ ଯେ ଗେହ୍ନ ହୁଏ ଆଗ । ଲଜ୍ଜାବନ୍ତେ ଗରବୁଲେ ଧରଣୀ ଏ କ୍ୟାସ୍ତ
ଏମନ୍ତ ଲୋକର ହାତେ କୁଳ ନାଶ ଯାଇ । ଇହ ପର ଦୁଇଲୋକେ ନର୍କଗତି ପାଇ ।
ଯେଉଁ ଲୋକ ବୃଷରେ କୁଅଇ ଚରୁଛି । ଅପ୍ରମେୟ ହୋଇ କରି ବୃଣେ ମଦୀଛନ୍ତି ।
ଯୁବତୀଣ ମାଢ଼ିଭଳ ମେମ୍ବଙ୍ଗେ ସରି । ସଣାବେ ଗେଡ଼ଇ ଗାଇ ବାନ୍ଧୁ ବନ୍ଧୁଣ ନ କରି ।
ଅପ୍ରମିତ ହୋଇଣ ଅପୂଜ୍ୟ ଭୋଜେ ଯେଣୁ । ନାରଖାର ହୋଇଲେ ତ ନାଶ ଯାଇ ତେଣୁ ।
ଏମନ୍ତ ଲୋକର ହାତେ କୁଳ ଯାଇ ନାଶ । ଅବର କଥାଏ ଶୁଣ ପାଣ୍ଡୁପୁତ୍ର ଶିଷ୍ୟ ।
ସନ୍ଧ୍ୟାଧର୍ମ ଯେଉଁ ମାନେ ନ ପାଳନ୍ତି ଫଳ । ବନ୍ଧୁକୁଟୁମ୍ବଙ୍କ ସଙ୍ଗ କରୁଥାନ୍ତି ଛଳ ।
ଛରନ୍ତରେ ବାଦ ହୋଇ ଲାଗିଥାନ୍ତି ଯେଣୁ । ଏମନ୍ତ ଲୋକର କୁଳ ନାଶ ଯାଇ ତେଣୁ ।
ଯେଉଁ ଲୋକ ଭାରଯା ମନରେ ଥାଇ ହିଂସା । ଗୃହସ୍ଥଙ୍କୁ ମୁଣ୍ଡରେ କହଇ ମନଦୋଷା ।
ହସାସ୍ ନନ୍ଦଇ ପରପୁରୁଷରେ ଆଶ । ଏମନ୍ତ ଲୋକର ହାତେ କୁଳ ଯାଇ ନାଶ ।
ଅର୍ଜୁନ ବୋଇଲେ ପ୍ରଭୁ ଫେଡ଼ ମୋ ସନ୍ଦେହ । ସଂସାର ଭିତରେ ପଣ୍ଡିତ କେହେ କହ
ଯାଅ ଯାଉ ମାଣିକ୍ୟ ମୁକୁତା ସୁନ୍ଦର । ଏଥିରୁ ଉତ୍ତମ କାହାକୁ ବୋଲଣ୍ଡା ହର ।
ଶ୍ରୀହରି ବୋଇଲେ ତୁ ଶ୍ରବଣ ପାର୍ଥ ଶୁଣ । ପୃଥିବୀ ଭିତରେ ଯହିଁରେ ଅଛି ଗୁଣ ।
ଛତ୍ର ହୋଇ ବିବେକ କୁଅନ୍ତି ଯେଉଁ ପ୍ରାଣୀ । ଅନନ୍ତ ଭକ୍ତ ମନ ବଶ୍ୟ କରନ୍ତି ଜାଣି ।
ହିଂସା ଅହଙ୍କାର ମାୟା ହୃଦରେ ନ ଦେନ । ପୃଥିବୀ ଭିତରେ ତ ଏମାନଙ୍କୁ ଗଣି ।
ଯୁବତୀ ହୋଇଣ ଯେତେ କୁଅର ସୁଶୀଳ । ଗୃହସ୍ଥଙ୍କୁ ସେବା କରଇ ଏବଂ ଦାନ କାଳ ।
ପରପୁରୁଷଙ୍କୁ ଆଖି ନ କରଇ ଚତ୍ତେ । ବନ୍ଧୁକୁଟୁମ୍ବଙ୍କୁ ଅସ୍ୱଧ୍ୟାଣ ଥାଇ ନିତ୍ୟେ ।
ବଲ୍ଲଭକୁ ଦେଖି ମନେ କୁଅଇ ଆନନ୍ଦ । ଚମାଳି କଥାକୁ କାନ୍ଥ ନ କରଇ ହ୍ରଦ ।
ପଦ୍ଧବନ୍ଧଭାବେ ପର୍ଦ୍ଦ ଗଣନାଣ୍ଟି ସେହୁ । ଏମନ୍ତ ସ୍ତ୍ରୀଗଣ ହାତେ ରତ୍ନ ବୋଲି କହୁ ।
ସଙ୍ଗ ମତ୍ତୁଁରେ ଯେଉଁ ଅଶ୍ୱ ଧାଇଁ ଦେବ୍ୟ । ସଉଣ୍ଡଙ୍କୁ ଧରି ଯେବେ ଦାତର ନୋହିବ ।
ବାଣ ବାଣ୍ଡ ଲାଗିଲେ ଧଇର୍ଯ୍ୟଧରେଣ ଥାଇ । ଏମନ୍ତ ଅଶ୍ୱକୁ ପାର୍ଥ ରତ୍ନ ବୋଲି କହି ।

Digitized by PPRACHIN, SOA

ଏହେଁ ଶୁଣି ଶ୍ରୀମୁଖେ ହାଦେ ତହୁଁ ବୋଇଲ ଦେବ । ସାବଧାନ ହୋଇ ଶୁଣ ଯୁଧିଷ୍ଠିରରାଜ ।
ଧନବନ୍ତ ହୋଇଣ ଯେବୁ ଗର୍ବ ନ କର । ଦୁଃଖିଜନେ ସାହାଯ୍ୟ ଦୟା ଯେବେ କର ।
ସାବଧାନ ହୋଇ ଶୁଣ ଯୁଧିଷ୍ଠିର ରାଜ । ଏମନ୍ତ ଲୋକକୁ ତହୁଁ ବୋଇଲ ଦେବ ଦେହ ।
ତପୀ ହୋଇ ଦେଇ ସେବେ ସାଧେ ବ୍ରହ୍ମଜ୍ଞାନ । ହୃଦରେ କୋପ ନ ବହି ନ କରଇ ତମ
ଏମନ୍ତ ଲୋକକୁ ପାର୍ଥ ତହୁଁ ବୋଲି ଦେହ । ସାବଧାନ ହୋଇ ଶୁଣ ଯୁଧିଷ୍ଠିର ରାଜ ।
ଏ ଚାଷରତନ ହାଦେ ଶୁଣ ବୀର ପାର୍ଥ । ବୁଝାଇ କହିଲୁଁ ତୋତେ ପାଞ୍ଚହିଁ ଅର୍ଥ ।
ଅର୍ଜୁନ ବୋଇଲ ପ୍ରଭୁ ପଚାରିଲି ତୋତେ । ବ୍ରହ୍ମଜ୍ଞାନ ମହିମା ଯେ କହିବେକ ମୋତେ
ଯୋଗ ସାଧିବାରେ ଯେ ପବନ ସିଦ୍ଧ ନୁହେ । ଆସନରେ ଥିଲେ ବହେ କେତେକ ଅଙ୍ଗୁଳ
ଉଣା ଯେବେ ହୋଇଥିବେ କେତେଦୂର ବହି । ଶୋଇବା ବେଳକୁ କେତେ ଅଙ୍ଗୁଳ ବହଇ
ନିଦ୍ରା କଲ କହିବ ନିଶ୍ୱାସ କେଉଁ ଠାରେ । କ୍ଷୁଧା ଲାଗେ ପବନ ଯେ କେତେ ଦୂରରେ
ଧାଇଁବା ବେଳକୁ ପ୍ରଭୁ କେତେ ହୁଏ ଦୂର । ସ୍ତ୍ରୀ ସଙ୍ଗ କାଳକୁ କେତେ ଦୂରରେ ବହି
ମରିବା ବେଳକୁ କେତେ କ୍ଷେପଇ ପବନ । ଏହା ମୋତେ ବୁଝାଇ କହିବା ଭଗବାନ ।
ଶ୍ରୀହରି ବୋଇଲେ ଏ ପ୍ରମାଣ କଥା ସିନା । ଏ କଥାକୁ ତୋର ଆଗେ ବୁଝାଇବା ନା
ଆସନରେ ଥାଇ ଯେବେ ସାଧୁଥାଇ ଜ୍ଞାନ । ଦ୍ୱାଦଶ ଅଙ୍ଗୁଳ ଯାଏ ବହଇ ପବନ ।
ଆସନରୁ ଉଠି ଯେବେ ଉଭା ହୋଇ ପାର୍ଥ । ଷୋଳ ଅଙ୍ଗୁଳକୁ ବୋଲି କ୍ଷେପଇ ମରୁତ
ପଥ ଚାଲିବାରେ ଯେ ଚବିଶ ଯାଏ ବହି । ଦୌଡ଼ିବାର କଲେ ଛବିଶ ଅଙ୍ଗୁଳ ବହଇ ।
ବତିଶ ଅଙ୍ଗୁଳ ବହେ ନିଦ୍ରାର ଠାବେଣ । ଧାଇଁଲେ ଚୌରାଶୀ ଯାଏ କ୍ଷେପଇ ପବନ ।
ସ୍ତ୍ରୀ ସଙ୍ଗମରେ ତ୍ରୟଷଠି ଯାଏ ଚଳି । ମରଣରେ ବହିଲେ ସେ ପ୍ରାଣୀ ହୋଏ ମଲି ।
ଏମନ୍ତ ପ୍ରକାରେ ପାର୍ଥ ପବନ ବହଇ । ଅନ୍ୟ କେତେ କଥା ତୋତେ ବୁଝାଇ କହିବା ।
ଯେଉଁ ଶାସ୍ତ୍ର ଶୁଣିଲେ ପାପ ଧ୍ୱଂସ ପାପ ନାଶ । ଭକ୍ତଜନଙ୍କ ହୃଦେ ଜ୍ଞାନ ପରକାଶ ।
ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ଜନାର୍ଦ୍ଦନ । ଯୋଗଧର କୁଟୁମ୍ବ ଅଟନ୍ତି କେଉଁ ମାନ ।
ଏ କଥା ଦୟାର ପ୍ରଭୁ ପଚାରଇଁ ତୋତେ । ପଦେ ପଦେ କହଣ ଦୟାର ଦେବ ମୋତେ
ଶ୍ରୀହରି କହିଲେ ତୁ ଯେ ପଣ୍ଡିତଙ୍କ ଗୁରୁ । କଥାର ମରମ ସଙ୍ଗ ଖୋଜ ଅଛି ଆଗୁ ।
ଯୋଗଧର କୁଟୁମ୍ବ ଯେ ପଚାରିଲୁ ମୋତେ । ତହିଁର ସନ୍ଦେହ ପାର୍ଥ କହିଦେବା ତୋତେ
ଯୋଗଧର ପିତର ଧର୍ଯ୍ୟ ଗୁଣ ଜେଠା । କ୍ଷମାଶୀଳ ଜନନୀ ସତକୁ ଜନ୍ମ ବେଟା ।
ଦୟାକୁ ଜାଣନ୍ତୁ ଭଗ୍ନୀ ଶୁଣ ବୀର ପାର୍ଥ । ଶାନ୍ତିଶୀଳ ଘରଣୀ ମନକୁ ଜାଣ ଭ୍ରାତା ।
ସେ ଘରର ବଡ଼ଇ ଅମୃତ ବ୍ରହ୍ମଜ୍ଞାନ । ଜଗତକୁ ସମଜ ଜାଣ ଭୂମିରେ ଶୟନ ।
ନବଘଟ ସର୍ବ ଭଜନରେ କରି ସାଥ୍ୟ । ଏମନ୍ତ ପ୍ରକାରେ ପାର୍ଥ ଯୋଗଧର କଥ୍ୟ ।
ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ଗଦାଧର । କେତେ ପୁଷ୍ପ ଦେଇଣ ତୁମ୍ଭଙ୍କୁ ସେବା କର
ଶ୍ରୀହରି ବୋଇଲେ ପୁଷ୍ପ ଅଷ୍ଟ ଗୋଟି ସିନା । ସେ କଥା ତୋହର ଆଗେ କହୁଁ ଜଣା
ପ୍ରଥମେ ଅହିଂସା ପୁଷ୍ପ ଇନ୍ଦ୍ରିୟ ନିବାର । ସର୍ବଭୂତେ ଦୟାପୁଷ୍ପ କ୍ଷମା ପୁଷ୍ପ ଶ୍ରୀର ।
ଜ୍ଞାନପୁଷ୍ପ ଧ୍ୟାନପୁଷ୍ପ ତପପୁଷ୍ପ ମୂଳେ । ସତ୍ୟକୁ କହିବା ସତ୍ୟ ଅଷ୍ଟପୁଷ୍ପ ମେଳେ ।

Digitized by PPRACHIN, SOA

ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ଭଗବାନ । କେତେ କେତେ ଶ୍ଲୋକଙ୍କୁ ଅର୍ଥ ତୁମ୍ଭମାନ୍ୟ
ଏକଥା ସମ୍ପତି ମୋତେ କହିବା ଗୋସାଇଁ । ତୁମ୍ଭ ଶ୍ରୀମୁଖରୁ ଶୁଣି ପ୍ରତେ ଯିବ ମୁହିଁ ।
ଶ୍ରୀପତି ବୋଇଲେ ତୋତେ କହିବା ଅର୍ଜୁନ । ବୁଦ୍ଧିଯୋଗାଇରେ ଯେ ଏଥର ଅନୁମାନ ।
ଯତ୍ନେ ଅଭ୍ୟାସ ହୋଇ ବ୍ରହ୍ମ ଶୁଝେ ନୁହିଁ । ଏ ଛଅ ଶ୍ଲୋକକୁ ପାର୍ଥ ମାନ୍ୟ ମୋହ ଅନୁ
ଅର୍ଜୁନ କହନ୍ତେ ହରି ପ୍ରେମେ ସନ୍ଦେଶ । ଭାମରତ ଗୀତାଟିକା ଭଣିଲେ କୃଷ୍ଣଦାସ ।

ଇତି ଶ୍ରୀ ଭାମରତଗୀତାସୁ ହରି ଅର୍ଜୁନ ସମ୍ବାଦେ ପଞ୍ଚଭୂତ ଜ୍ଞାନ ଯୋଗ-କଥନେ ନାମ ଅଷ୍ଟମୋଽଧ୍ୟାୟଃ ।

ନବମ ଅଧ୍ୟାୟ ।

ଅର୍ଜୁନ ବୋଇଲେ ପ୍ରଭୁ ଶୁଣ ସାବଧାନେ । ଉତ୍ତମ କଥାଏ ଅଛି ପଣ୍ଡିତ କେମା ମନେ
ହୃଦପଦ୍ମେ ବସ୍ତୁରି ଚନ୍ଦ୍ରଲେ ପ୍ରଭୁ ଏହା । ପ୍ରସନ୍ନ ହୋଇଣ ମୋତେ କହ ତତ୍ତ୍ୱବାହା ।
ପରାଶର ନନ୍ଦନ ଯେ ବେଦବ୍ୟାସ ଯତି । ଚକ୍ରବର୍ତ୍ତୀ ପୁତ୍ର ବୋଲି ସଂସ୍କୃତେ ବୋଲନ୍ତି ।
ବ୍ରହ୍ମାଙ୍କର ନାତି ସେ ଯେ ଜାତିରେ ବ୍ରାହ୍ମଣ । କେମନ୍ତେ ଜନମ ହେଲେ କୈବର୍ତ୍ତୀ ଗର୍ଭେଣ
ଏଥିର ସନ୍ଦେହ ନାଥ କହି ମୋତେ ଦେବା । ତୁମ୍ଭ ପଦ୍ମପାଦେ ଯେବେ ଅଛି ମୋର ସେବା
ଅର୍ଜୁନ ବଚନ ଶୁଣି ଶ୍ରୀକୃଷ୍ଣ ଭାଷିଲେ । ଶ୍ରୀ ବିମ୍ବାଧରରେ ପ୍ରଭୁ ଅଳପ ହସିଲେ ।
ପାର୍ଥଙ୍କୁ ପ୍ରଶଂସା କରି ଆଜ୍ଞା ଦେଲେ ହରି । ସାଧୁ ସାଧୁ ଅର୍ଜୁନ ହେ ମହୁଁ ମଃ ବୋଧଚି
ସାଧୁ ତୋର ବୁଝିବା ଧର୍ମଧର୍ମ୍ୟପକ୍ଷ ଚେଷ୍ଟା । ବ୍ରହ୍ମାଣ୍ଡ ଭିତରେ ଆଉ ନାହିଁ ଏଡ଼େ କାଷ୍ଠା ।
ତୁ ମୋହର ପ୍ରାଣସଖା ମୁହିଁ ତୋର ଦେହ । ଯୁଦ୍ଧରେ ତୁ ଅମୃତ ମାନୁଷୀପୁଅ ଲୁହ ।
ତେଣୁ ହର ସବୁ ଶାସ୍ତ୍ର ପଚାରୁ ମୋତେ । ବେଦବ୍ୟାସ ଜନମ ଯେ କହିବଇଁ ତୋତେ ।
ମହାଭାରତେ ବୋଲିଣ ଏକଇ ଦିବ୍ୟ ବାଣୀ । ପକ୍ଷୀଙ୍କ ଆଗରୁ ସେ ଯେ ଅସୁଅଛି କହି ।
ଅତ୍ୟନ୍ତ ସୁନ୍ଦର ଯେ ଦେଖିଣ ଦେବ ଭୋଳେ । ଗିରିରାଜା ଗୋଟାଏ ଦଶନ୍ତ ତାକୁ ବଳେ
କଚ୍ଛପ ଅନ୍ତରେ ସେ ଗର୍ଭବାସ ହୋଇ । ଦୁହିତା ଗୋଟିଏ ଜାତ ହେଲା ମହାମାୟି ।
ଗିରିରାଜା ହୋଇଲେ ତାହାଙ୍କୁ ଦେଇ ଦେଲା । ଏ ତୋହର ଦୁହିତା ତୁ ସମ୍ଭାଳ ବୋଇଲା ।
ଶୁଣିକରି ସନ୍ତୋଷ ହୋଇଲେ ଗିରିସନ୍ଥ । ବୋଇଲେ ଏ ଝିଅକୁ ତାହାଙ୍କୁ ଦେବ ଆଜ ।
ଆପଣା ବୀର୍ଯ୍ୟରୁ ଜାତ ହୋଇଅଛି ଯାହା । ଇତରଲୋକଙ୍କୁ ନକ ବଳ୍ପ ଦେବ ତାହା ।
କେବଳ ପୁରୁଷ ଏ କନ୍ୟାକୁ ହେବ ଲକ୍ଷ୍ୟ । ମୋହ କୁଳେ ସଜା କେ ହୋଇବ ସମକକ୍ଷ ।
ତାହାଙ୍କୁ ସେ ପ୍ରଦାନ କରିବ ମୋର ବାଳୀ । ଏମନ୍ତ ବୋଲିଣ ଗିରିରାଜା ମନେ ଭଲ ।
ଏମନ୍ତେ ଯେ ବହିଁ ହାତେ ଦେବେଦନ ଗଲା । ଗିରିଜା ବୋଲିଣ ସେ ଝିଅର ନାମ ଦେଲା
ବୋଇଲା ପୃଥ୍ୱୀରେ ମୁଁ ଅଟଇଁ ଗିରିସନ୍ଥ । ତେଣୁକରି ଗିରିଜା ମୋ ଝିଅ ନାମ ହେଉ ।
ଏଥିଅନନ୍ତରେ ଶୁଣ ଯୁଧିଷ୍ଠିର ଭାଇ । ନବଯୁବା ହୋଇଲା ସେ ପିତାଘରେ ଥାଇ ।
ଦାସରାଜା ବୋଇଲେ ଯେ ନୃପତି ଶନ୍ତନୁ । ଗିରିଜାଙ୍କୁ ବିବାହ ସ୍ନେହେ ଦେଲେ ଗିରିରାଜ ।
ନୃପତି ତ ବଶ୍ୟ ହୋଇ ଭଲ ଦିବ୍ୟ ବେଦ । ଥୋକାଏକ ଦିନେ ସେ ହୋଇଲା ଗର୍ଭଯୋଗ ।

Digitized by PPRACHIN, SOA

ବନ୍ଦାପନା ଜନକ୍କୁ ନୃପତି ସଙ୍ଗେ ଆସି । ବ୍ରାହ୍ମଣ ପଣ୍ଡିତ ସବୁ ଗଣାଇଲେ ବସି ।
ଯେଉଁ ଦିନ ବନ୍ଦାପନା ବଧି ନୃପବର । ସେହିଦିନ ପିତୃଶ୍ରାଦ୍ଧ ହୋଇଲା ତାହାର ।
ବ୍ରାହ୍ମଣଙ୍କୁ ନୃପତି ବୋଇଲା ଶୁଦ୍ଧଚିତ୍ତେ । କେଉଁ କାର୍ଯ୍ୟ କରିବି ବିସ୍ତର କହ ମୋତେ ।
ବନ୍ଦାପନା ପିତୃଶ୍ରାଦ୍ଧ ଏହାବେଳେ ପଡ଼ । ତୁମ୍ଭେ ଯେ ପଣ୍ଡିତ ବିପ୍ର ଜାଣ ଏଥି ଖଣ୍ଡ ।
କେଉଁ କାର୍ଯ୍ୟ କରିବି ବିସ୍ତର କହ ଦେଖି । ପାପ ପୁଣ୍ୟ କଥାକୁ ଯେ ତୁମ୍ଭେ ସିନା ସାକ୍ଷୀ ।
ଦ୍ୱିଜବର ବୋଇଲେ ସେ ବନ୍ଦାପନା ଥିବ । ପିତୃଶ୍ରାଦ୍ଧ ନୋହିଲେ ବରଷେ ଯାଏ ଯିବ ।
ଆନ ଲଗ୍ନ ଶୋଧଣ କରିବା ବନ୍ଦାପନା । ଆଜ ତୁମ୍ଭ ପିତୃଶ୍ରାଦ୍ଧ ବଧି ଦେଇ ଜନା ।
ଏହା ଶୁଣି ସନ୍ତୋଷ ହୋଇଲେ ନୃପବର । ମୃଗ ମାରି ଯିବା ବେଳେ ଅଶ୍ୱ ସଜ କର ।
କୌଣସି କଥାରେ ମୋର ପ୍ରୟୋଜନ ନାହିଁ । ମୃଗ ନ ମାରିଲେ ପିତୃଶ୍ରାଦ୍ଧ ଅଛି କାହିଁ ।
ଅଶ୍ୱ ସଜ କରଣ ସାହାଣି ଆଣି ଦେଲା । ମୃଗ ମାରିବାକୁ ରଜା ବନସ୍ତକୁ ଗଲା ।
ଏମନ୍ତ ସମୟେ ଦେଖ ବିଧାତାର ଯୋଗ । ମୃଗ ସଙ୍ଗେ ମୃଗୁଣୀ ହେଉଛି ଅଙ୍ଗସଙ୍ଗ ।
ହାସ ନାମେ ରଜା ତାହା ଦେଖି ବେନି ଭୋଳେ । ହତଜ୍ଞାନ ହୋଇଲା ସେ ଦେଖି ସେହି-
ଭୋଳେ ।
ଉଜବନ୍ଦୁ ଉତ୍ଫୁଲ୍ଲ ପଡ଼ନ୍ତେ ନୃପବର । ହିଅଲ ଦନାରେ ବୋଲ ଧରନ୍ତେ କାର୍ଯ୍ୟ ।
ଚନ୍ଦ୍ରଘଷୀ ଯୋଡ଼ିଏ ଆହା ଯେ ଉଡ଼ୁଥିଲା । ଆସ ବୋଲି ନୃପତି ତାହାକୁ ଆଜ୍ଞା ଦେଲା ।
ବୋଇଲା ଏ ଦିନା ମୋର ଶାଦ୍ଧକାରେ ଯିବୁ । ଗୁରୁଯା ହସ୍ତରେ ମୋର ଏତୁଷଣି ଦେବୁ ।
ବୋଲନ୍ତି ଏ ଦ୍ରବ୍ୟ ଦେଇଅଛନ୍ତି ନୃପତି । ଭକ୍ଷିବାମାନଙ୍କୁ ହେ ତୁ ହୋଇବୁ ଗର୍ଭବତୀ ।
ଏତେ ବୋଲି ନୃପତି ତା ହସ୍ତେ ତୋଳି ଦେଲା । ମୃଗ ମାରିବାକୁ ରଜା ବନସ୍ତକୁ ଗଲା ।
ଏମନ୍ତ ସମୟେ ତୁ ହେ ଶୁଣ ପାଣ୍ଡୁସୁତେ । କାର୍ଯ୍ୟ ଘେନି ଉଡ଼ିଗଲା ଯେଉଁ ଚଲଘଷୀ ।
ମହାନଦୀ ଉପରେ ପ୍ରବେଶ ହେଲା ଯାଇଁ । ଆଉ ଚଷ ଦେଖିଲା ତା ଶଣ୍ଡୁରେ ଥାଇଁ ।
ବୋଇଲା ଏ ତ କାହିଁ ଦ୍ରବ୍ୟ ନେଉଅଛୁ କହେ । ମାଛ କି ମାଂସ ତାହା ଦେଖିବା ଏଠାରେ ।
ଏତେ ବୋଲି ଚଲଘଷୀ ଝାମ୍ପି ତାକୁ ଦେଲା । ଦୁହାଙ୍କୁ ଅଟ୍ଟେକ ଧରି ଚୀର ପଡ଼ାଇଲା ।
ମହାନଦୀ ଉପରେ ପଡ଼ିଲା କାର୍ଯ୍ୟ ଯାଇଁ । ଶଣ୍ଡୁରେ ଦେଖିଲା ତା ମହାମୀନ ଥାଇ ।
ତାହା ଦେଖି ମହାମୀନ ଧାଇଁଣ ପଡ଼ିଲା । ବେନିଭାଗ କାର୍ଯ୍ୟ ଏହାବେଳେ ଗିଳିଦେଲା ।
ମୃଗ ମାରି ନୃପତି ଯେ ଅଇଲେ ଲେଉଟି । ମୀନ ଗର୍ଭେ ରହିଲେ ବାଳୁତ ଯୁଗଯୋଡ଼ି ।
ଗର୍ଭବାସ ହୋଇଣ ସେ ଥିଲେ ସୁଖଭୋଗେ । ଜାଲରେ ପଡ଼ିଲା ମୀନ ବିଧାତାର ଯୋଗେ ।
ଶରଧା କରଣ କୈବର୍ତ୍ତ ଘେନିଗଲା । ନୃପତିଙ୍କ ଛାମୁରେ ମୀନକୁ ଦେଖାଇଲା ।
ସନ୍ତୋଷ ହୋଇଣ ଆଜ୍ଞା ଦେଲେ ନୃପଚନ୍ଦ୍ର । ମାଛଗୋଟି କାଟ ଏବେ ମନୋହର ହେଉ ।
ଏସନ୍ତ ଆଜ୍ଞା ଯହୁଁ ଦେଲେ ଦଣ୍ଡଧାରୀ । ଗର୍ଭେ ଥାଇ ବାଳୁତ ଡାକଲେ ଆହା କରି ।
ବୋଇଲେ ହୋ ନୃପତି ବିସ୍ମୃତ ଧର୍ମବାଟ । ଆମ୍ଭେ ଏଥେଁ ଅଛୁଁ କାହୁଁ ଲଘୁ ଜନ ଘାଟ ।
ସୁଣିବର ତତତ ହୋଇଲେ ନୃପମଣି । ମୀନଗର୍ଭେ ଶୁଣିଲେ ମନୁଷ୍ୟର ବାଣୀ ।
ବେଗ ପଲଖକୁ ଥାଇ ମଧ୍ୟଖଣ୍ଡ ଥାଉ । ଏ ମାଛ ପଛକେ ଆମ୍ଭ ମନୋହର ହୋଉ ।

Digitized by PPRACHIN, SOA

ନୃପତି ବଚନେ ମୀନ ପକାଇଲେ କାଟି । ଗର୍ଭରୁ ପଡ଼ିଲେ ଯେ ବାଳକ ଦୁଇଗୋଟି ।
ଗୋଟିଏକ କନ୍ୟା ଅଟନ୍ତି ଗୋଟିଏ ପୁରୁଷ । ଦେଖି ଚମତ୍କାର ରାଜା ହୋଇଲେ ହରଷ ।
ନୃପତି ବୋଇଲେ ଏ ଅଦ୍ଭୁତ ବାଳବସ୍ତି । ଶିଶୁ ଦେଖ ଗୋଟା ଯେ ଏହାଙ୍କ ଦେବେଁ ଅଛି
ଅପୁତ୍ରିକ ରାଜା ମୋର ହୋଇଲ୍ଲ ତନୁଜ । ମୋହ ଅନ୍ତେ ରାଜ୍ୟରେ ହୋଇବ ମହାରାଜ
କୈବର୍ତ୍ତଙ୍କୁ ଚାହିଁ ଆଜ୍ଞା ଦେଲେ ନୃପସାଇଁ । ଦୁହିତା ଗୋଟିକ ତୁହି ପ୍ରତିପାଳ ନେଇ ।
ପୁତ୍ରଗୋଟି ଆମ୍ଭର ଯେ ସନ୍ନିଧିରେ ଥାଉ । ତୁହି ଅପୁତ୍ରିକ ଯେ ଦୁହିତା ନେଇ ଯାଉ
ଯେ ସଂସାର ସୁଖେ ଏବେ ପ୍ରତିପାଳିବା । ବେଳ ହାଲ ଜାଣିଣ ଯେ କହି କରାଇବା ।
ଶୁଣିଣ କୈବର୍ତ୍ତ ଯେ ଦୁହିତା ଘେନିଗଲା । ଭାଗ୍ୟବତୀ ବୋଲିଣ ତାହାର ନାମ ଦେଲା
ଯେବଣ ପୁତ୍ରକୁ ରାଜା ଘେନି ଗଲା । ମତ୍ସ୍ୟଗନ୍ଧ ବୋଲିଣ ତାହାର ନାମ ଦେଲା ।
ରାଜା ଅନ୍ତେ ରାଜ୍ୟକୁ ସେ ହୋଇଲା ଅଧିକାରୀ । ଦାନ କୃଷ୍ଣଦାସ ଏ ଚରିତ ଗୀତ ଭଣି

ଇତି ଶ୍ରୀ ନାମରତ୍ନଗୀତାୟାଂ ଶ୍ରୀହରି ଅର୍ଜୁନ ସମ୍ବାଦେ ବେଦବ୍ୟାସ ଜନ୍ମ ଚରିତେ ନାମ ନବମୋଽଧ୍ୟାୟଃ ॥ ୯ ।

ଦଶମ ଅଧ୍ୟାୟ ।

ଏଥୁଅନନ୍ତରେ କଥା ଶୁଣ ଦିବ୍ୟବାଣୀ । ଶ୍ରୀକୃଷ୍ଣଙ୍କୁ ଚାହିଁ ପୁଚ୍ଛା କଲା ପାଣ୍ଡୁଶ୍ରେଣୀ ।
କଇବର୍ତ୍ତ ଦୁହିତା ଯେ ଟିକି ଘେନିଗଲା । ପରାଶର ଋଷି ତାଙ୍କୁ କେମନ୍ତେ ହରିଲା ।
ଏ କଥା ସଂକ୍ଷେପେ ମୋତେ କହିବା ଗୋସାଇଁ । ବ୍ୟାସ ଋଷି ଜନମ ହୋଇଲେ କେଉଁଠାଇ ।
ଶ୍ରୀହରି ବୋଇଲେ ତୁ ହେ ଶୁଣ ବୀର ପାର୍ଥ । ପ୍ରତିପାଳିଲା ତ ତାକୁ ବର୍ଷ ପାଞ୍ଚ ସାତ ।
ଯୌବନ ଅବସ୍ଥା ପ୍ରାପ୍ତ ତାକୁ ପ୍ରତିପାଳେ ଏଣେ । ଯେଉଁ ଅଣ୍ଡିରେ ସିବ ତାଙ୍କୁ ନ ଛଡ଼ାଇ ଯତନେ
ତରଣୀ ଘାଟରେ ତାକୁ ବସାଇଥାଇ । ଚତୁର୍ଦ୍ଦଶ ଅବ୍ଦରେ ଶିଖିଲା ନାବ ବାହି ।
ଏମନ୍ତ ସମୟେ ଦେଖ ବିଧାତାର ଯୋଗ । କଇବର୍ତ୍ତ ଦେହେଁ ଆସି ପୀଡ଼ା କଲା ବେଗ ।
ବୋଇଲା ଉତ୍ତର ଯେ ଦୁହିତା ନେଣ ଚାହିଁ । ଜ୍ୱରପୀଡ଼ା କଲା ମୋତେ ଯାଇ ନ ପାରଇଁ
ତରଣୀ ଜଗି ତୁ ନାବରେ ବସିଥିବୁ । ଯେ ଆସି ହୋଇବ ତାକୁ ପାରି କରିଦେବୁ ।
ଶୁଣି ତରଣୀରେ ଜଗିଲା ବାଳିକାଣୀ । ନାବ କେରୁଆଳ ଧରି ନାବେ ଅଛି ବସି ।
ଏମନ୍ତ ସମୟେ ପରାଶର ଯେ ଅଇଲେ । ନାବ ତରଣୀରେ ଯାଇଁ ପ୍ରବେଶ ହୋଇଲେ ।
ଏଣେ ନୂଆ ମଠ ହର ହେଣ୍ଡୁରେ ତପ । ମହାବୃଦ୍ଧ ଦେବଋଷି ତୁଲେ ତାହିଁ ପାପ ।
କଇବର୍ତ୍ତୀ ମୁଖ ଚାହିଁ ଆଜ୍ଞା ଦେଲେ ମୁନି । ପାରି କର ନଅ ତୁ ଆମ୍ଭଙ୍କୁ ନାବ ଘେନି ।
କଇବର୍ତ୍ତୀ ବୋଇଲା ଯେ ବାପ ଅଛି ନାବେ । ପିତାକୁ ମୋହର ଜ୍ୱରପୀଡ଼ା କଲା ଏବେ ।
ତୁମ୍ଭର କଲ୍ୟାଣେ ତାର କ୍ଷୟ ଯାଉ ଦୁଃଖ । ମୁହିଁ ସେ ପାରି କରିଦେବି ପିତାଙ୍କୁ ମୋ ରଖ
କଇବର୍ତ୍ତୀ ବଚନେ ବୋଇଲେ ମୁନିବର । ଆଜଠାରୁ ପିତାକୁ ତୋ ନ କରିବ ଜ୍ୱର ।
ଆମ୍ଭର କଲ୍ୟାଣେ ତାର ଦୁଃଖ କ୍ଷୟ ଯାଉ । ଆଜଠାରୁ ଜ୍ୱରପୀଡ଼ା ନ କରିବ ଆଉ ।
ଏତେ ବୋଲି ମୁନିବର ନାବେ ଯାଇଁ ବସି । ଉତ୍ତମ ଦଶାଏ ମନେ ପଡ଼ିଲାକ ଆସି ।

Digitized by PPRACHIN, SOA

ହୃଦପଦ୍ମେ ଧ୍ୟାନ କହିଲେ ବ୍ରହ୍ମସୂତ । ନବଖଣ୍ଡ ପୃଥ୍ୱୀରେ ହୋଇବ ବେଦ ଖ୍ୟାତ ।
ଅମ୍ଭର ବୀର୍ଯ୍ୟ ଜନମ ହେବ ଯେଉଁ ଶିଷ୍ୟ । ଚାରିବେଦ ପଢ଼ିବ ପୁରାଣ ଅଷ୍ଟାଦଶ ।
ନାନା ଶାସ୍ତ୍ରମାନ ମୁଖେ କରିବ ବଖାଣ । ଏ ସୁତ ହୋଇବ ମୋର କୁଳଉଦ୍ଧାରଣ ।
ଏହିକ୍ଷଣି ଏହା ଗର୍ଭେ ହେବ ବ୍ରହ୍ମବୀର୍ଯ୍ୟ । ଉତ୍ତର ହୋଇଲେ ତ ତୋହର କିଛି କାର୍ଯ୍ୟ ।
ଏତେ ବୋଲି ଚକ୍ରବର୍ତ୍ତୀ ମୁଖ ଚାହିଁ ଋଷି । ବୋଇଲେ ରେ ଯୁବତି ଅମ୍ଭଙ୍କୁ ଦେଲ ଦେଖ
ଚକ୍ରବର୍ତ୍ତୀ ବୋଇଲା ମୁଁ ନ ଜାଣଇ କିଛି । ଅଇଁଶୀପ୍ରା ଦେହ ମୋର ଗନ୍ଧ କରୁଅଛି ।
ଯୁବତୀ ବାଞ୍ଛିତ ମୋର କିଛି ନାହିଁ ଜ୍ଞାତ । ତୁମ୍ଭେ ବ୍ରହ୍ମଋଷି ଯେବେ ମୋତେ କର ମତ ।
ପରାଶର ବୋଇଲେ ତୁ ଚାହିଁ ପାଇଁ ତୁଷ୍ଟ । ଗର୍ଭର ବସ୍ତୁ ସ୍ୱ ପ୍ରାପ୍ତ ହେବ ତୋର ବାଞ୍ଛା ।
ମୋହର ବଚନ ହାତେ ଶୃଙ୍ଗଯୁଗେ ଥାଉ । ମାଛଗୋଟି ତୋହର ଯୋଜନଗନ୍ଧା ହେଉ
ଚକ୍ରବର୍ତ୍ତୀ ବୋଇଲା ନୁହଇ ତୁମ୍ଭ ସଙ୍ଗ । ନବଯୁବା ନୁହଇଁ କେମନ୍ତେ ହେବ ଅଙ୍ଗ ।
ପରାଶର ବୋଇଲେ କହିବା କଥ ଅବା । ଅମ୍ଭ ଆଜ୍ଞା ପ୍ରମାଣେ ତୁ ହୁଅ ନବଯୁବା ।
ଋଷିଙ୍କ ବଚନ କେ ମେଣ୍ଟିବ କେବଣ ଜନ । ନବଯୁବା ହୋଇଲା ସେ ବାଞ୍ଛିତଜନା ।
ସ୍ତନମାନ ବଢ଼ାଣି ହରିଣୀ ହବ୍ୟ ଭାସେ । ଦେହ ବାସ ଗଲା ତାର ଯୋଜନକ ଯାଏ ।
ଦେଖି ନବ ସନ୍ତୋଷ ହୋଇଲେ ମୁନିବର । ବୋଇଲେ ତୁ ଅମ୍ଭ ସଙ୍ଗେ ରତିରଙ୍ଗ କର ।
ସେ ବୋଇଲା ଦୁଇକୂଳେ ଖୁଦିଛନ୍ତି ଲୋକ । ତାବଳେ ବହିଣ ଅଛୁ ଏଥି କେଉଁ ସୁଖ ।
ବ୍ରହ୍ମଋଷି ବୋଇଲେ କେ ନ ଦେଖିବେ ନେହ । କୁହୁଡ଼ି ଜନମ ହେଉ ଅମ୍ଭ ଆଜ୍ଞାପାଇ ।
ମୁନିଙ୍କର ବଚନ ଅନ୍ୟଥା ନୋହେ ଯହିଁ । ଘୋଟିଲା କୁହୁଡ଼ି ରେଣୁ ବଥା ଚହୁଁ କହୁଁ ।
ନଦୀ ବେଳାକୂଳେ ଜନ୍ତୁ ନ ଦେଖିଲେ ଲୋକ । ଯୋଜନଗନ୍ଧାର ତୁଲେ କରି ରତିସୁଖ
ଗର୍ଭଘଟେ ବ୍ରହ୍ମବୀର୍ଯ୍ୟ ହୋଇଲା ପ୍ରବେଶ । ସେହିକ୍ଷଣି ଜନମ ହୋଇଲେ ବେଦବ୍ୟାସ ।
ଗର୍ଭରୁ ପଡ଼ିଣ ସେ ହୋଇଲେ ନବଯୁବା । କନ୍ଦର୍ପହିଁ ସରି ନୋହେ ରୂପ ଲକ୍ଷ୍ୟ ଦେବା ।
ଚାରିବେଦ ପୁରାଣ ମୁଖରେ କଲେ ଜାତ । ଦେଖି ପରାଶରଋଷି ହୋଇଲେ ଉଲ୍ଲସିତ ।
ଚକ୍ରବର୍ତ୍ତୀଙ୍କ ବୋଇଲେ ନାବ ହଅ ବାହ । କେଉଁକୂଳେ ଅମ୍ଭଙ୍କୁ ପ୍ରବେଶ କର ନେଇ ।
ଅଜ୍ଞା ପାଇ ହରଷ ଯୋଜନଗନ୍ଧାବାଳୀ । ଋଷିଙ୍କି ପ୍ରବେଶ କରି ମନେ ମନେ ଭଳି ।
ଋଷିଙ୍କର ମୁଖ ଚାହିଁ ବୋଇଲା ଯୁବତୀ । ଏବେ ମୁହିଁ କେମନ୍ତେ କରିବି ମହାଗତି ।
ନବଯୁବା ହୋଇଲି ଚାହିଁବ ତାହା ମୁଖ । ମରଣରୁ ଏ କଥା ହୋଇଲା ବଡ଼ ଦୁଃଖ ।
ବାଞ୍ଛିତ ହୋଇଣ ମୁଁ ଯେ ଥିଲି ପିତା ଘରେ । ନବଯୁବାସ୍ତ୍ରୀ ମୋତେ ଦେଲ ମୁନିବରେ ।
ତାହା ମୁଖ ଚାହିଁବ ଦେବକୁ ଏବେ ଯିବ । ତୁମ୍ଭ ପାଦପଦ୍ମ ସେବି ଏହିଠାରେ ଥିବ ।
ପରାଶର ବୋଇଲେ ତୁ ହୋଇବୁ ତ ବାଞ୍ଛିତ । ପୂର୍ବେ ଯେତେ ଭାବେ ଥିଲୁ ହୁଅ ସେହିମତ
ମୁନିଙ୍କର ବଚନ ଯେ ଅନ୍ୟଥା ନୋହିଲା । ଆଜ୍ଞା ପ୍ରମାଣେ ବାଳୀ ବାଞ୍ଛିତ ହୋଇଲା ।
ଆପଣା ମନ୍ଦିରେ ବାଳୀ ହୋଇଲା ପ୍ରବେଶ । ତଟରେ ବସିଲେ ପରାଶରଙ୍କର ଶିଷ୍ୟ ।
ବେଦବ୍ୟାସ ଜନମ ଯେ ସମ୍ପୂର୍ଣ୍ଣ ହୋଇଲା । ଦୀନକୃଷ୍ଣ ଦାସ ଏହା ଗୀତରେ ରଚିଲା ।
ବେଦବ୍ୟାସ ନନ୍ଦନ୍ତି ସେ କୈବର୍ତ୍ତୀର ସୁତ । ଯୋଷାଙ୍କିଅ ଗର୍ଭରୁ ହୋଇଲେ ମନ୍ତ୍ର ଜାତ ।

Digitized by PPRACHIN, SOA

କନ୍ଦାର କୁମାରୀ ସେ ଯେ ମାତଗର୍ଭେ ଥିଲା । କର୍ମର ସଂଯୋଗେ ଧାତା ଏଡେକ ଭାଗ୍ୟ କଲା ॥
ବେଦବ୍ୟାସ କହନ୍ତି ଶୁଣି ଅର୍ଜୁନ ସନ୍ତୋଷ । ନାମରତ୍ନଗୀତାରେ ଭଣିଲେ କୃଷ୍ଣଦାସ ।

ଇତି ଶ୍ରୀ ନାମରତ୍ନଗୀତାୟାଂ ଶ୍ରୀକୃଷ୍ଣଅର୍ଜୁନସମ୍ବାଦେ ବେଦବ୍ୟାସ କହନ୍ତି କଥନେ ନାମ ଦଶମୋଽଧ୍ୟାୟଃ ।

—:୦§୦:—

ଏକାଦଶ ଅଧ୍ୟାୟ ।

ଅର୍ଜୁନ ବୋଇଲେ ପ୍ରଭୁ ଶୁଣ ସାବଧାନେ । ଭଲ କଥା ଗୋଟିଏ ପଡ଼ିଲା ଅସି ମନେ ।
ତୁମ୍ଭର ସମ୍ମୁଖରେ ଅଛି ପଚାରଇଁ ମୁହିଁ । ସଂଶୟ ଫେଡ଼ଣ ମୋତେ କହିବା ଗୋସାଇଁ ।
କୃପାପଦ୍ମ ଚରଣେ ମୁହିଁ କଲି ଠାବ । ଏବେ ମୋତେ ପ୍ରସନ୍ନେ କହିବା ପଦ୍ମନାଭ ॥
ଅଷ୍ଟାଦଶ ପୁରାଣ ଯେ କହିଲେ ମହାମୁନି । ଏ କଥା ଶୁଣିବି ପ୍ରଭୁ ମୁକ୍ତିପଥ ଘେନି ।
ତାହା ମଧ୍ୟେ କେବଣ ପୁରାଣ ହୋଇ ଜାତ । ସନ୍ଦେହ ଫେଡ଼ଣ ମୋତେ ତହିଁ ଶିଖିବସ୍ତ ॥
ଶ୍ରୀହରି ବୋଇଲେ ତୋର ଅଛି ବେଦେ ଜ୍ଞାନ । ସେ କଥା ଅଣି ପାରୁ ତାରୁ ସବୁ ବହାମାନ ।
ଅଷ୍ଟାଦଶ ପୁରାଣ ଯେ ପଚାରିଲୁ ମୋତେ । ପଦେ ପଦେ କାରଣ ଯେ କହିବି ତୋତେ ।
ପ୍ରଥମେ ହୋଇଲା ବ୍ରହ୍ମପୁରାଣ ଉତ୍ପତ୍ତି । ପଦ୍ମନାଭେ ପୁରାଣ ଯେ ତହିଁ ପଛେ ଜାତ ।
ତଦନ୍ତରେ ବିଷ୍ଣୁଭାବେ ପୁରାଣ ହୋଇଲା । ଶିବପୁରାଣ ଯେ ତହିଁ ପଛରେ ହୋଇଲା ।
ତଦନ୍ତରେ ଲିହିଲା ପୁରାଣ ଭାଗବତ । ନାରଦପୁରାଣ ତହିଁ ସନ୍ନିଧେ ଉତ୍ପତ୍ତି ।
ଅଗ୍ନି ନାମେ ପୁରାଣ ଯେ ତଦନ୍ତରେ ଜାତ । ଭବିଷ୍ୟପୁରାଣ ତହିଁ ନିକଟରେ ପାର୍ଥ ।
ବାୟୁବ୍ୟପୁରାଣ ତହିଁ ଜର୍ଭ କଲା ପଛେ । ମାର୍କଣ୍ଡପୁରାଣ ଯେ ଲିହିଲା ପ୍ରତ୍ୟକ୍ଷେ ।
ବରାହପୁରାଣ ଲେଖି ଯେ ସ୍କନ୍ଦପୁରାଣ । ତହିଁ ପଛେ ଲିହିଲା ଯେ ବାମନପୁରାଣ ।
କୂର୍ମପୁରାଣକୁ ତହିଁ ନିକଟରେ କଲା । ମତ୍ସ୍ୟପୁରାଣକୁ ତାର ସନ୍ନିଧେ ଲେଖିଲା ।
ଗରୁଡ଼ପୁରାଣ ତହିଁ ନିକଟେ ପ୍ରମାଣ । ତହିଁ ପଛେ ଲେଖିଲ ଯେ ବ୍ରହ୍ମାଣ୍ଡପୁରାଣ ।
ଅଷ୍ଟାଦଶ ପୁରାଣ ଯେ ପଚାରିଲୁ ମୋତେ । ଏହା ଅନ୍ତ କର ପାର୍ଥ କହିଲି ଯେ ତୋତେ ।
ଅର୍ଜୁନ ବୋଇଲେ ପ୍ରଭୁ କହିଲ ତ ଭଲ । କଥାଏ ପରମସନ୍ଧ ଗୁପତେ ରଖିଲ ।
ଯେଣୁ କର ତୁମ୍ଭଙ୍କୁ ପଚାରୁଅଛୁ ଦେବ । କେବଣ ପୁରାଣ କେତେ ଶ୍ଳୋକରେ ସାର ।
ଶ୍ରୀହରି ବୋଇଲେ ତୋର ଜୀବନହିଁ ଧନ୍ୟ । ଧନ୍ୟ ଧନ୍ୟ ଅର୍ଦ୍ଧଅଙ୍ଗ ଅଟୁ ମୋ ଅର୍ଜୁନ ॥
ଧନ୍ୟ ତୋର ବନ୍ଧୁବର୍ଗ ମାତା ପିତା ସଖା । ଏ ମହୀମଣ୍ଡଳରେ ତୁ ପଣ୍ଡିତରେ ରେଖା ।
ଗଣ୍ଡିଆମାନଙ୍କ ମଧ୍ୟେ ବୁଦ୍ଧି ସିନା ବଳୁ । ଏତେହିଁ କହିଲେ ପୁଣ ଅର୍ଥହିଁ ପଚାରୁ ।
ମନ ସ୍ଥିର କର ପାର୍ଥ ସାବଧାନେ ଶୁଣ । ପୁରାଣର ଯେତେ ଯେତେ ଶ୍ଳୋକର ଭିଆଣ ।
ଦଶସହସ୍ର ଶ୍ଳୋକ ଯେ ବ୍ରହ୍ମପୁରାଣେ ଲେଖି । ପଦ୍ମପୁରାଣରେ ଯେ ପଞ୍ଚାଶସହସ୍ର ଯୋଖି ।
ବିଷ୍ଣୁପୁରାଣ ଯେ ଅଶୀସହସ୍ର ଶ୍ଳୋକ ଭଣି । ଚବିଶସହସ୍ର ଶିବପୁରାଣ ଯେ ଗଣି ।
ଅଠରସହସ୍ର ଶ୍ଳୋକ ଲେଖା ଭାଗବତ । ନାରଦପୁରାଣ ଦେ ଚବିଶସହସ୍ର ପାର୍ଥ ।
ମାର୍କଣ୍ଡପୁରାଣେ ଯେ ନବସହସ୍ର କହୁ । ଅଗ୍ନିପୁରାଣର ଶ୍ଳୋକ ପନ୍ଦରସହସ୍ର ହୋଇ ।

Digitized by PPRACHIN, SOA

ଭବିଷ୍ୟତପୁରାଣର ଶୁଣ ଏବେ ସଙ୍ଖ୍ୟା । ଚଉଦସହସ୍ର ପଞ୍ଚଶତ ଶ୍ଳୋକ ଲେଖା ।
ବ୍ରହ୍ମବୈବର୍ତ୍ତ ଯେ ଅଠରସହସ୍ର ଭଣି । ଏଗାରସହସ୍ର ଲିଙ୍ଗପୁରାଣକୁ ଗଣି ।
ନୃସିଂହପୁରାଣ ଯେ ଚଉଦସହସ୍ର ହୋଏ । ସ୍କନ୍ଦପୁରାଣରେ ଏକାଅଶୀସହସ୍ର ଥାଏ ।
ବାମନପୁରାଣ ଦଶସହସ୍ର ଦେଖାଇଲ । କୂର୍ମପୁରାଣରେ ସତରସହସ୍ର ଯେ ଲେଖା ।
ଚଉଦସହସ୍ର ମତ୍ସ୍ୟପୁରାଣରେ ଲେଖି । ଗରୁଡ଼ପୁରାଣ ଏକୋଣଇଶସହସ୍ର ଯୋଖି ।।
ବାରସହସ୍ର ଶ୍ଳୋକ ଯେ ବ୍ରହ୍ମାଣ୍ଡପୁରାଣ । ଏତେ ଅଠର କହିଲୁଁ ପାର୍ଥ ସାବଧାନେ ଶୁଣ ।
ଯେତେକ ଶାସ୍ତ୍ର ତୋତେ ବୁଝାଇଲୁଁ ଏବେ ବାବୁ । ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇ ପ୍ରମାଣେ ସବୁ ।।
ଷଡ଼ଯୋଗ ଦିଶାଇ ତୁ ବେଦେ ଲେଖ ଯାର । ଚତୁର୍ଲକ୍ଷ ଶ୍ଳୋକ ଅଟେ ପୁରାଣ ଅଠର ।
ଏଥିରୁ ଶ୍ଳୋକ ଯେ କୋଟିଏକ ଜନ୍ମେ ଭଣା । ଲେଖି ନ ଜାଣିଲ କେହି ହେଉଥାଇ ବଣ ।
ଅପ୍ରକଟ ତୁ କଲୁ ଯେବେ ଫେଡ଼ିକଲୁ ଦ୍ୱନ୍ଦ୍ୱ । ଜନ୍ମମ କାରଣ ଆମ୍ଭେ ଛୁଇଁବା କୋ ଦେହ ।
ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ଜଗତସ୍ୱାମି । ତୁମ୍ଭ ପାଦପଦ୍ମେ ମୋର ମାୟା ନାହିଁ କିଛି ।
ମନକୁ ଅସ୍ଥିର ଯେବେ ହୋଇଲା ଗୋସାଇଁ । ଜନ୍ମନ କରୁଛୁ ମୁଁ ଯେ କେବଳ ତୁମ୍ଭକୁହିଁ ।
ଶ୍ରୀହରି ବୋଇଲେ ପାର୍ଥ ତୋତେ ମୋର ଦୟା । ତୁ ମୋହର ଅର୍ଦ୍ଧଅଙ୍ଗ ତୋତେ ନାହିଁ ମାୟା ।
ଜୀବରୂପ ହୋଇ ମୁଁ ଯେ ଭୁଞ୍ଜୁଅଛୁ ସର୍ବ । ମୁଁ ଯହିଁରେ ନାହିଁ ସେ କହିବ କିଛି ଦ୍ରବ୍ୟ ।
ବଳରୂପେ ବଳଦେବ ଜ୍ଞାନରୂପେ ଜ୍ଞାନ । ଯେସନେ ଜନ୍ତୁ ଭୋଗେ ଭଲ ସହିଁରେ ତେସନ ।
ଏମନ୍ତ ପ୍ରକାରେ ଆମ୍ଭେ ସର୍ବରୂପେ ଥାଉଁ । ଅନନ୍ତେ ଯେ ସୁମରଇ ତ ହାଠାକୁ ଯାଉଁ ।
ଏମନ୍ତ ବୋଲି ଯେ ଅଜ୍ଞା ହୋଇଲେ ପୀତବାସ । ନାମରତ୍ନଗୀତାରେ ଭଣିଲେ କୃଷ୍ଣଦାସ ।
ସାଧୁଜନ ଚରଣେ ଯେ ଲାଗୁ ମୋର ମଥା । ଅଷ୍ଟାଦଶ ପୁରାଣ କହିଲ ଏହି କଥା ।

ଇତି ଶ୍ରୀ ନାମରତ୍ନଗୀତାୟାଂ ଶ୍ରୀହରିଅର୍ଜୁନସମ୍ବାଦେ ଅଷ୍ଟାଦଶପୁରାଣ ଚରିତ-କଥନେ ନାମ ଏକାଦଶୋଽଧ୍ୟାୟଃ ।

—o—

ଦ୍ୱାଦଶ ଅଧ୍ୟାୟ ।

ଅର୍ଜୁନ ବୋଇଲେ ପ୍ରଭୁ ପଚାରୁଛୁଁ ଆମ୍ଭେ । ଅନନ୍ତନାମର ବାନା କହ ଯେବେ ତୁମ୍ଭେ
ସାବଧାନ ହୋଇ ତୁମ୍ଭେ ଶୁଣ ଜଗନ୍ନାଥ । ହେତେ ଭେଦ ଅନନ୍ତ ଫେଡ଼ିଲ ମୋତେ କହ
ଶ୍ରୀହରି ବୋଇଲେ ପାର୍ଥ ପଚାରିଲୁ ଯାହା । ସାବଧାନ ହୋଇ ଶୁଣ କହଇ ମୁଁ ତାହା ।
ଯେଉଁମାନେ ଅନନ୍ତରେ ଚିନ୍ତାକଲେ ମୋତେ । ଏକମନେ ଶୁଣ ପାର୍ଥ କହଇ ମୁଁ ତୋତେ ।
ଗଜକୁ କୁମ୍ଭୀର ଧରି ନିଉଥିଲା ଜଳେ । ଅନନ୍ତ-ନାମ ବୋଲି ଡାକିଲା କହିଲେ ।
ସହସ୍ରବର୍ଷ ଯୋଜନେ ଥିଲା ଗଜବର । ସେ ଶବଦ କର୍ଣ୍ଣକୁ ଶୁଭିଲା ଅମ୍ଭ ମୋର ।
ଓଧିପ ନ କଲି ସେ କୁମ୍ଭୀର ଗୋଟା ମୁଣ୍ଡ । ପ୍ରାଣଘାତ କାରଣେ ଛାଡ଼ିଲା ଦେଇ ଗୋଡ଼ ।
ଲାଙ୍ଗୁଡ଼କୁ ଲାଙ୍ଗୁଡ଼ ପାଦକୁ ପାଦେ ଛନ୍ଦ । ପେଟ ପେଟେ ଲଗାଇ କଣ୍ଠକୁ କଣ୍ଠେ ବନ୍ଧ ।
ଥୋଇଦନ୍ତ ଧରଣ ଏପରି ବେଢ଼ପାଟ । ଗଜକୁ କ୍ଳେଶରେ ସକ୍ତ ଗ୍ରାସ କରେ ଘୋଟ ।
ସତ୍ୟଭାମା ପାଶେ ପଶା ଖେଳୁଥିଲୁଁ ବସି । ଏକାକୁ ଅନେକ ସେ ହୋଇଣ ଦଶା ଦଶି ।।

Digitized by PPRACHIN, SOA

ଏମନ୍ତସମୟେ ଗଜ ଅର୍ତ୍ତେ ଦେଲା ଡାକ । ହୋଇଲା ଚନ୍ଦ୍ର ଅଦଭୁତ କାଳେ ମୋତେ ଲକ୍ଷ ।
ସେ ଡାକ କର୍ଣ୍ଣରୁ ଯେ ଶୁଣିଲା ଗୋପ ଭକ୍ତ । ଶୀଘ୍ରଗତିରେ ଶ୍ରୀ ଶୁଣିଲା ସଂଗ୍ରାମ ।
ହରଣ ହୋଇଣ ମୋ ଡାକ ଦେଲା ଏଣେ । ପାଶେ ଶୋଇଥିଲେ ସତ୍ୟଭାମା ବେନଜଣେ ।
ତାଙ୍କ ହାତ ପକ୍ଷୀ ଅମୃତାନ ଛନ୍ତି । ଦୁଇ ଲୋକନାଥ ଯେ ଶୋଇଲେ ଅଛୁ ମାତ୍ର ॥
ଏମନ୍ତ ସମୟେ ଗଜ ଡାକ ଦେଲା ମୋତେ । କର୍ଣ୍ଣରେ ଦଶିଲା ପ୍ରାଣେ ଲାଗିଲା ଖରତେ ।
ସତ୍ୟଭାମା ହାତ ଧରି କଲେ ଅଛୁ ତାଡି । ଉଠିଲୁଁ ହୋଇଲା ମାତେ ଜଳଗ୍ରାହ ବଡ଼ମୋକ୍ଷୀ ।
ହୋଇଲେ ତାହାକୁ ତୁମ୍ଭେ ରଖିଅଛ ତବ । ଭୂଲାଇ ଯିବାକୁ କ ଲୋଡ଼ନ୍ତ ମାୟା ଏବ ।
ମୋହ ଧାଇ ଯଦ୍ଦଅଛୁ ପ୍ରତ୍ୟକ୍ଷ ଦେଖିଲ । କେଉଁଠାରେ ତୁମ୍ଭେ ପୁଣି ତାହାକୁ ରକ୍ଷିଲ ।
ମୁଁ ହୋଇଲି ସତ୍ୟଭାମା ନ ଗ୍ରାନ କଥା ତୁମ୍ଭେ । ଅତଏବ ତାହାଙ୍କ ଗଜ ରକ୍ଷିଅଛୁଁ ଅମ୍ଭେ ।
ସବୁ ସଂଯୋଗେ ମୋତେ ଗଜ ଡାକ ଦେଲା । ସେ ଶବ୍ଦ ଅସି ମୋର କର୍ଣ୍ଣରୁ ଶୁଣିଲା
କୁମ୍ଭୀର ଗଜକୁ ପ୍ରାଣେ କରୁଥିଲା ନାଶ । ତେଣୁ ତତ୍ପରେ ଥାଇ ଗଜ ମୋତେ କଲା ଆଶ ।
ପକ୍ଷୀଟେଇ ଧାଡର ତ କହୁଥାଇ ବାରତା । ତୁମ୍ଭେ କିପାଁ ଏ କଥାକୁ ପାଉଅଛ ବ୍ୟଥା ॥
ସତ୍ୟଭାମା ବୋଇଲେ ଏ କଥା ସବୁ ମିଛ । ମାୟାଧର ପ୍ରଭୁ ତୁମ୍ଭେ ଅଟ ବନ୍ଧବସ୍ତ ।
ଉତ୍ସୃଷ୍ଟ ଗଜକୁ ତୁମ୍ଭେ ରଖିଅଛ ଯେବେ । ମୋତେ ତାହା ଦେଖାଇଲେ ପ୍ରତ୍ୟୟ ହେବ ତେବେ
ସୁଦର୍ଶନ ଚକ୍ରକୁ ଯେ ପେଷିଦେଲୁ ଅଗ । ବୋଇଲୁଁ ଧାଡିକାରେ ଭୁ ଯାଅ ବାରୁ ବେଗ ।
ଆମ୍ଭ ଯିବାବେଳ ଯେ ଜଳମଧ୍ୟ ଦେଖି ଏଣେ । ଗଜଘ୍ରାଣ କୁମ୍ଭୀର କ ରଖିଥିବ କେଣେ ।
ମୁଣ୍ଡ ତ କାଟିବୁ ଯେ ପିଠିରେ ବସି ଏକା । ବେଦଫାଳ ହରଣ ମଧ୍ୟରୁ ତତ୍ପର ।
ଆମ୍ଭଙ୍କୁ ଯେ ଆଜ୍ଞା କଲୁ ଯାଉ ଭାର ଦୁଃଖ । କୁମ୍ଭୀରକୁ ମାର ଏବେ ଗଜ ପ୍ରାଣ ରଖ ।
ଆଜ୍ଞା ପାଇ ସୁଦର୍ଶନ ବେଗେ ଚଳି ଗଲା । କୁମ୍ଭୀର ଖଣ୍ଡ ଖଣ୍ଡ ବେଦଫାଳ ହେଲା ।
ଗରୁଡ଼ପିଠିରେ ବସି ସତ୍ୟଭାମା ଗଲେ । ଲୋଚନରେ ଦେଖି ସେ ମନରେ ପ୍ରତ୍ୟୟ କଲେ ।
ମହାଲଜ୍ଜା ପାଇଲେ ସେ ସତ୍ୟଭାମା ରାଣୀ । ହେତ ମାଥ ହୋଇଣ ଯେ ନ ପାରିଲେ ବୋଲି
ଗଜ ଉଦ୍ଧାରଣ ଅମ୍ଭେ କୁମ୍ଭୀରକୁ ହାଣି । ଅନ୍ତଃପୁର ଭିତରେ ବାନା ବୋଲାଇଲୁଁ ବେଣୀ ।
ଦ୍ରୌପଦୀ-ସଙ୍କଟ ବନ-ମୁଷଳ ଉପରି । ଅତଏବ ତ କଲା ମୋତେ ରଣ ଲକ୍ଷ୍ମୀପତି ।
ସେ ଡାକ ଯେ ସଙ୍କଟରେ ଶୁଣିଥିଲୁ ମୋତେ । ସାହା ହୋଇ ରହିଲୁ ତହିଁରୁ ପାର୍ଥ ହୋଇଲେ
ପ୍ରହ୍ଲାଦର ଉପରି ଯେ ଶୁଣିଅଛ କର୍ଣ୍ଣ । ସଭାହୋଇ ପୁତ୍ରକୁ ମାରନ୍ତି ହଳ ମନ ।
ତୁଦଅନ୍ତେ ତାହାର ଯେ ହଦାହନ୍ତି ବୃକ୍ଷୁ । ମାଳହରି କଣ୍ଠରେ ଲମ୍ଭିଲୁଁ ପାର୍ଥ ତାକୁ ।
ବ୍ରହ୍ମାଙ୍କର ନନ୍ଦନ ଯେ ମାର୍କଣ୍ଡେୟଋଷି । ପ୍ରଳୟକାଳରେ ଖଣ୍ଡ ଯାଉଥିଲା ଗ୍ରାସି ।
ଅତଏବ ତାଙ୍କ ମୋତେ ରଣ ଚକ୍ରପାଣି । ବସୁଦ୍ଧର୍ଭ ଉଦରେ ରଖିଲୁ ତାକୁ ଆଣି ।
ବ୍ରହ୍ମାଙ୍କ ପ୍ରଳୟକାଳେ ଜରୁଡ଼ି ଅଇଲା । ଅଗ୍ନିପୂର୍ଣ ଯାଏ ମୋତେ ପିଠିରେ ବହିଲା ।
ଜନ୍ମତ ହୋଇବାର ଯେ ଗରୁଡ଼େ ଦେଖିଲୁଁ । ବଟପତ୍ରେ ଥାଇ ତାଙ୍କ ଗଳେ ଠାବ ଦେଲୁଁ ।
ଅର୍ଜୁନ ବୋଇଲେ ସେ କେତେ ବଡ଼ଭାର ଗୃହ । ସବୁରିପସ୍ତ ଲୋକଙ୍କ ଦେହ ଭାର ମୋଟ ।
ସେ ଦେମନ୍ତେ ତୁମ୍ଭ ଗର୍ଭେ ବହିଲ ଗୋସାଇଁ । ଏ କଥା ଗୋଟାକୁ ମୋର ମନେ ପ୍ରତେ ନାହିଁ

Digitized by PPRACHIN, SOA

ଶ୍ରୀହରି ବୋଇଲେ ତୁ ହୋ ଶୁଣ ପାଣ୍ଡୁବଂଶି । ଅଶେଷବ୍ରହ୍ମାଣ୍ଡ ମୋର ଗର୍ଭେ ପୂରି ଅଛି ।
ପକ୍ଷୀଜୀବ କୋଟିଙ୍କୁ କି ଠାବ ନାହିଁ ଏତେ । ଲକ୍ଷକୋଟି ପ୍ରାଣ୍ୟେ ହୋଇ ଲାଗିଛନ୍ତି ଯେତେ
ଯେବଣ ଗର୍ଭରେ ମୋର ହୋଇଛନ୍ତି ସୁପାତ୍ର । ଜଳଚର ପ୍ରାଣୀଙ୍କ ସମୁଦ୍ର ଗୋଷ୍ଠୀସାତ ।
ଏ ଗଭର ଅନ୍ତ ତୁ ପାଇବୁ ନାହିଁ ଏବେ । ବିଶ୍ୱରୂପ ଦେଖିଲୁ ଯେ ନ ଜାଣୁ ବ ପୂର୍ବେ ।
ଅର୍ଜୁନ ବୋଇଲେ ପ୍ରଭୁ ପ୍ରମାଣ ଏ କଥା । ଶ୍ରୀମୁଖରୁ ଶୁଣି ମୋର ଗଲା ମନୋବ୍ୟଥା ।
ପାଶୋରିଲି କଥା ପ୍ରଭୁ କହିଲତ ପୁଣି । କୃତ ହୋଇଯିବ ତୋର ପ୍ରଭୁପଣ ଶୁଣି ।
ସବୁଦିନେ ଅନନ୍ତକ ତୁମ୍ଭରତ ମୋତେ । ପାଞ୍ଚକୋଟି ଲୀଳ ଅଛେ ଦୀନଅଛୁଁ ତୋତେ ।
ଛନଜା ସହିତେ ଯଦୁପତି ପାତକଣ । ସମସ୍ତଙ୍କେ ତୁମ୍ଭ ପଦ୍ମପାଦେ ଶରଣ ।
ଶ୍ରୀହରି ବୋଇଲେ ଏହା ଚିନ୍ତ କପି ନାହି । ସୁହୃଦେ ତୁମ୍ଭ ଆମ୍ଭର ନୃଦ୍ଧ ଭଲ ପର ।
ସତ୍ୟୋଦର ମାଉଷୀ କୁନ୍ତୀ ତୁମ୍ଭ ମା ଏ । ଅମୃତାତୁ ଶ୍ରେଷ୍ଠତର ଯୁଧିଷ୍ଠିର ଘଟେ ।
ଯୁଧିଷ୍ଠିଦେବଙ୍କୁ ମୋର ମାନ୍ୟ ଭରନ୍ତୁ । ଭୀମସେନ ଅମ୍ଭଙ୍କୁ ଯେ ନ ନୁଆଁଇ ଶିର ।
ବଶୁଭ ବୋଲଇ ଅମ୍ଭ ମାନ୍ୟ ତାଙ୍କୁ ନାହିଁ । ଅଗର ଦେଖିଲ ଯେ ପଞ୍ଚନେତ୍ର ମନେ ନାହିଁ
ନ ଜାଣି ପ୍ରଭୁଙ୍କ ଯେ ତୁରଇ ନଲବନ୍ତା । ଅଶେଷ ବ୍ରହ୍ମାଣ୍ଡେ ପାର୍ଥ ଅମ୍ଭେ ସେ କହତା ।
ଏଥିଲୁ ଅପ୍ରତେ ପାର୍ଥ ନ କରବ ତୁମ୍ଭେ । ମଲା ଲୋକମାନଙ୍କୁ ଜୀଆଇ ପାରୁ ଅମ୍ଭେ ।
ଅର୍ଜୁନ ବୋଇଲେ ପ୍ରଭୁ ଆଜ୍ଞା ଦେଲ ଭଲ । ହେଉଁଠାରେ ତାହାଙ୍କୁ ଜୀବଦାନ ଦେଲ
ଏ କଥା କ୍ଷାନ୍ତ କରି ମୋତେ କହିବା ଜୋଗାଇ । ଶ୍ରୀମୁଖରୁ ଶୁଣିଲେ ଯେ ପ୍ରତେ ଯିବ ମୁହିଁ ।
ଶ୍ରୀହରି ବୋଇଲେ ଅମ୍ଭେ ଉଦ୍ୟାପନ୍ତି ଗଲୁଁ । ଗୁରୁପନ୍ନ ପୁତ୍ରକୁ ଜୀଆଇ ଆଣି ଦେଲୁଁ ।
ଦେବକୀର ଷଡ଼ପୁତ୍ର ଆମ୍ଭର ସେ ଭାଇ । ଜନ୍ମପଦ ଦ୍ୱିବନ୍ଦୁ ଆଣିଲୁ ତାଙ୍କୁ ଯାଇ ।
ଦେବକୀର ଗର୍ଭରୁ ଉପୁଜେ ଷଡ଼ପୁତ୍ର । ସେ ପୁତ୍ରମାନଙ୍କ ତାର କଂସ କଲା ହତ ।
ହଳ ବଳରାମ ଅମ୍ଭେ ଅଟୁ ବେନି ଭାଇ । ଆଉ ଷଡ଼ପୁତ୍ରେ ଥିଲେ ଯମପୁରେ ଯାଇ ।
ଅର୍ଜୁନ ବୋଇଲେ ପ୍ରଭୁ ଆଜ୍ଞା ଦେଲ ଯାହା । ମୋତେ ଅତି ବିସ୍ତାର କହିବା ସେହିବାହା
ମରିବା ମନୁଷ୍ୟଙ୍କୁ ଜୀଆଇ ପାର ସତ୍ୟ । ଏ କଥା ଶୁଣିବାକୁ ମୋ ଶ୍ରଦ୍ଧା ବହୁତ ।
ଶ୍ରୀହରି ବୋଇଲେ ତାହା କହିଦେବା ଶୁଣ । ପରମ ପବିତ୍ର ଅଟେ ଯେବଣ ପୁରାଣ ।
ଭାଗବତ ଅର୍ଥ ତୋତେ କହୁଅଛୁଁ ଅଣି । ଯେଉଁ ଶାସ୍ତ୍ର ଶୁଣିଲେ ମୁକତ ହୋନ୍ତି ପ୍ରାଣୀ ।
କଂସକୁ ମାରି ଯେ ମଥୁରାରେ ଦେବେନ୍ଦ୍ର । ପ୍ରବେଶ ହୋଇଲେ ଅସି ବ୍ରହ୍ମାଙ୍କନନ୍ଦନ ।
ଇନ୍ଦ୍ର, ବ୍ରହ୍ମା ବୃହସ୍ପତି ଦେଲେ ତାଙ୍କୁ ପେଷି । ତତକ୍ଷଣେ ଅଇଲେ ନାରଦ ମହାଋଷି ।
ବୋଇଲେ ଅଦେ ଶ୍ରୀକୃଷ୍ଣ କହୁଅଛୁଁ ତୋତେ । ଇନ୍ଦ୍ର, ବ୍ରହ୍ମା ବୃହସ୍ପତି ପେଷିଦେଲେ ମୋତେ
ପାଠପଢ଼ି ଯିବ ତୁମ୍ଭେ ଅବନ୍ତୀନଗର । ଶ କ୍ରୁପନ ପଣ୍ଡାଙ୍କର ସେ ସ୍ଥାନରେ ଘର ।
ଅଶେଷ ବ୍ରହ୍ମାଣ୍ଡନାଥ ଅଟ ନନ୍ଦବଂଶୀ । ବେଦବିଦ୍ୟା ଶାସ୍ତ୍ର ତୁମ୍ଭେ ନ ଜାଣିଲ କିଛି ।
ଚଉଷଠି ଯେ ପ୍ରକାର ବିଦ୍ୟା ପଢ଼ାଇବ ସାଙ୍ଗୀ । ବିଦ୍ୟା ନ ପଢ଼ିଲେ ପଣ୍ଡିତଙ୍କସଙ୍ଗେ ଲେଖି ।
ବ୍ରହ୍ମା ବୃହସ୍ପତି ଯେ ଅବର ସୁରୀପାଇଁ । ତୁମ୍ଭର ଶ୍ରୀମୁଖଂ ମୋତେ ଦେଲେ ପଠାଇ ।
ମହାବଳବନ୍ତେ ମୁନି ପ୍ରବେଶ ହୋଇବ । ଅମ୍ଭର ବୋଇଲା କଥା କୃଷ୍ଣଙ୍କୁ କହିବ ।

Digitized by PPRACHIN, SOA

ଅବନ୍ତି ପୁରେଣ ଛନ୍ତି ସନ୍ଦୀପ ଯାନ୍ତିପତ । ତାହାଙ୍କ ନିକଟେ ଯାଇଁ ପଢ଼ ଗୁରୁ ବେଦ ।
ଏତେ ବୋଲି ଉଦ୍ଧ ସଙ୍ଗ ଉତରେ ଫେରିଲା । ମନ୍ତ୍ରଦକ୍ଷିଣାବୁଦ୍ଧି ମୁନିଙ୍କ ହସ୍ତେ ଦେଲା ।
ବୋଇଲେ ଏ ମଣି ନେଇ କୃଷ୍ଣ ହସ୍ତେ ଦେବୁ । ଅମୃତ କହିଲା ବୋଲି ତାହାଙ୍କୁ କହିବୁ
ଏମନ୍ତ ବୋଲନ୍ତେ ସେ ମୁନିଙ୍କି ନେଲେ ସେହି । ଆଜ୍ଞାପାଇ ଅଇଲେ ନାରଦ ମହାଋଷି ।
ମନ ପବନ ଦଣ୍ଡକୁ ଅଷ୍ଟସହସ୍ରେ ବେଗେ । ଧାଇଁଆସିଲେ ଦିନକେ ମଥୁରାପୁର ଲଗେ ।
ଯାଦବ ସଭାରେ ଯେ ପ୍ରବେଶ ମୁନିବର । ଖଣ୍ଡଲୁଣୁ ଦେଖିଣ ସେ ଶିରେ ଦେଲେ କର ।
ଉଗ୍ରସେନ ସହିତେ ମଥାରେ ହସ୍ତ ଦେଇ । ପାଦପଦ୍ମ ଶୋଇଲେ ମୁନିଙ୍କ ମୁଖ ଚାହିଁ ।
ପୁଣିହିଁ ଉଠିଲେ ସର୍ବେ ଶିରେ ଦେଇ କର । ତାହା ଦେଖି ସନ୍ତୋଷ ହୋଇଲେ ମୁନିବର
ସ୍ୱଭାବେ ଅପୂର୍ବ ବେଶ ଦେଖି ଉତ୍ତମ ଋଷି । ନେତ୍ର ଟି ସୂର୍ଯ୍ୟର ତେଜ କଳେବର ଦିଶି ।
ଦୀର୍ଘ ଲମ୍ବକର୍ଣ୍ଣ ଛାପୁ ଦିବ୍ୟ ଅଙ୍ଗ ଶୋଭା । ବାମେଣ କିଦଣ୍ଡୀ ଯେ ଦକ୍ଷିଣେ ବ୍ରହ୍ମବୀଣା ।
ସର୍ବାଙ୍ଗେ ବିଭୂତି ଯେ ଅଷ୍ଟାଙ୍ଗେ ଲଗିଛି । ଦ୍ୱାଦଶ ଯୋଗେଣ ଗୋପୀଚନ୍ଦନର ଚିହ୍ନ
ହରିନାମ ଲେଖା ଲଲାଟପଟେ ଋଷି । କଣ୍ଠେ ରୁଦ୍ରମାଳ ଯେ ତୁଳସୀମାଳ ଗଳି ।
ଚନ୍ଦ୍ରସୂର୍ଯ୍ୟ ପ୍ରାୟେ ତେଜ ଦେଖା ଯାଉଛି । କଟିରେ ଯଜ୍ଞୋପବୀତ କଟିରେ ଦିବ୍ୟଧୋତି
ଶାଳଗ୍ରାମ ଶିଳା ତାଙ୍କ ଅଛଇ କାଖରେ । ଅଙ୍ଗୁଷ୍ଠରେ ଘସିଚନ୍ଦନ ସମ୍ପାପକି ଭରେ ।
ଏମନ୍ତ ସ୍ୱରୂପ ବେଶ ହୋଇ ମୁନିବର । ପ୍ରବେଶ ହୋଇଲେ ଆସି ଯାଦବ ସଭାର ।
ମୁନିଙ୍କି ଦେଖିଣ ପାର୍ଥ ଆମ୍ଭେ ଭୂଇଁଭାଇ । ପ୍ରଣାମ କରିଲୁଁ ଯେ ତାହାଙ୍କ ପାଶେ ଯାଇଁ ।
ଉଗ୍ରସେନ ସହିତେ ଯେତେକ ବସିଥିଲେ । ଯେ ଯାହାର ମାନ୍ୟ ଧର୍ମ ସେ ତାହାଙ୍କୁ କଲେ
ସୁବର୍ଣ୍ଣ ଝାରିରେ ଭରି ଗଙ୍ଗାଜଳ ନେଇ । ମୁନିଙ୍କର ଚରଣ ଧୋଇଲୁଁ ଦେବକୀର ।
ରତ୍ନସିଂହାସନେ କୃଷ୍ଣାଜିନ ଥିଲା ପାଡ଼ି । ବସିଲେ ନାରଦ ଯେ ଆସନ ଉହିଁ ମାଡ଼ି ।
ନାରଦଙ୍କୁ ପୁଚ୍ଛିଁ ପାର୍ଥ ଆଜ୍ଞା ଦେଲୁଁ ଆମ୍ଭେ । ପୂର୍ବ ଭାଗ୍ୟ ଥିଲାରୁ ଅଇଲ ମୁନି ଯେବେ ॥
କୋଟିଏ ଜନ୍ମର ମୋର ଗଲା ପାପମାନ । ପ୍ରବେଶ ହୋଇଲ ଆସି ମଥୁରାଭୁବନ ।
ପ୍ରତ୍ୟକ୍ଷେଣ ତୁମ୍ଭେ ସେ ଅଷ୍ଟାଙ୍ଗେ ଲଗିଛି । ଶୁଣିବେଟି ଶାସ୍ତ୍ର ଶବ୍ଦ ନଗରେ ପଡ଼ି ।
ଅମୃତ ଚରଣ ଯେବେ ଧାଇ ଦଲ ମୁନି । ତୁମ୍ଭଙ୍କୁ ଦେଖିଲୁଁ ଯେ ଲୋଚନ ଦେଖ ଦେବ
ଅନନ୍ତ ଭଜନ ଯେ ସୁଫଳ ଫଳିଲା । ବ୍ରହ୍ମବନ୍ଦନ ମୋର ପୁରକୁ ଅଇଲ ।
ନାରଦ ବୋଇଲେ ତୁମ୍ଭେ କୃଷ୍ଣ ଚକ୍ରଧର । ଅବତାର ପୁରୁଷ ତୁ ବ୍ରହ୍ମାଣ୍ଡଠାକୁର ।
ପୃଥିବୀର ଭାରହର ଭଣାସିବା ଅର୍ଥେ । ବୋଇଲେ ବୈକୁଣ୍ଠ ତେଜି ନରଦେହ ଏଥେ ॥
ସଂସାର ସମୁଦ୍ର ଏ ଯେ ଅଗାଧ ପାଲନା । ସିନ୍ଧୁ ମୁଣ୍ଡମାନେ ଯହିଁ ହୋଇଥାନ୍ତି ବଣା ॥
ପରମପୁରୁଷ ତୋର ଅନ୍ତଅନ୍ତ ନାହିଁ । ରୋମମୂଳେ ଅଶେଷ ବ୍ରହ୍ମାଣ୍ଡ ଅଛୁ ବହି ।
ନାରଦଙ୍କୁ ପୁଚ୍ଛିଁ ଆମ୍ଭେ ପୁଚ୍ଛି ଦଲ୍ଲ ପାର୍ଥ । କେବଣ କାରଣେ ମୁନି ଆସିଅଛ ଏଥ ।
ନାରଦ ବୋଇଲେ ତୁମ୍ଭେ ସର୍ବ ଅନ୍ତର୍ଯ୍ୟାମୀ । ତୁ ଜାଣି ନ ଜାଣୁ ତୋତେ ନ କହିବି ପୁଣି
ନାରଦ ବୋଇଲେ ମେ ରେ-ସେହିଲେ ବାସବ । ଅବନ୍ତୀପୁରକୁ ତୁମ୍ଭେ ଯାଇ ପଢ଼ିଗଲ
କୋଟିମୁନି ବ୍ରହ୍ମାଙ୍କର ଅଙ୍ଗଜ ସେ ସ୍ଥାନ । ଲକ୍ଷେ ନୃପତି ଯହିଁ ରହିଁ ମହାଜନ ।

Digitized by PPRACHIN, SOA

ଗତାଗତ କହନ୍ତି ପଣ୍ଡିତ ମହାତ୍ମା । ସମସ୍ତ ବ୍ରାହ୍ମଣମାନେ ବେଦଶାସ୍ତ୍ରେ ରତା ।
ଶାସ୍ତ୍ରପଢ଼ ପଣ୍ଡିତଙ୍କର ସେହୁସ୍ଥାନେ ମଠ । ସହସ୍ରେ ଛାତ୍ରଙ୍କୁ ସେ ପଢ଼ାଉଛନ୍ତି ପାଠ ।
ଧନ ଧାନ୍ୟ ସମ୍ପଦ ଅନେକ ବାଢ଼ ବୃତ୍ତି । ବ୍ରହ୍ମତେଜ ପରସନ୍ନେ ଶୁଭଇ ଖିଆତି ।
କୁବେର ସମାନ ତାଙ୍କ ଭଣ୍ଡାର ଯେ ଦେଖା । ପୁଣ୍ୟ ପୃଥ୍ୱୀ କେହୁ ନାହିଁ ପଢ଼ ପଢ଼ୀ ଏହା
ସକଳ ବିଦ୍ୟାରେ ସେ ଯେ ଚତୁର୍ବର୍ଗ ଭେଦ । ସ୍ତମ୍ଭନ ମୋହନ ବଶ ଉଚ୍ଚାଟନ ଆଦ ।
ନଟକ ପାଦୁକା ଦୂଲେ ଗୋଟିକ ଅଞ୍ଜନ । ଅନେକ ପ୍ରକାରେ ସେ ଜାଣନ୍ତି ବିଦ୍ୟାମାନ ।
ପୁରାଣେ ପଣ୍ଡିତ ସେ ଅଷ୍ଟାଙ୍ଗ ଜନକ୍ରିତା । ଧନୁର୍ବେଦ ସହିତେ ଜାଣନ୍ତି ମହାତ୍ମା ।
ମନ୍ତ୍ର ଯନ୍ତ୍ର ତନ୍ତ୍ର ହାଟକ ଯେ ନାନାରଙ୍ଗ । ଅଷ୍ଟ ଧାତୁ ସହିତେ ରସ୍ୟତନ୍ତ୍ର ବୈଦ୍ୟ ସଙ୍ଗ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଯେ ଏକ ବିଦ୍ୟା ମଞ୍ଜୀ । ଶାସ୍ତ୍ରପଢ଼ ପଣ୍ଡିତଙ୍କୁ ଉବାଇ କେହୁ ନାହିଁ ।
ତୁମ୍ଭେ ହେଳ ଭଲ ଏବେ ତାଙ୍କଠାକୁ ଯିବ । ପଢ଼ିଣ ଉତ୍ତମ ବିଦ୍ୟା ଶିକ୍ଷାବନ୍ତ ହେବ ।
ବିଦ୍ୟାହିଁ ଏହା କପାଳ ବାଲେ ନୁଏ ସଜା । ବିଦ୍ୟା ନ ପଢ଼ିଲା ଲୋକ ପଶୁସଙ୍ଗେ ଲେଖା ।
ବିଦ୍ୟାଥିଲେ ପ୍ରାଣିଙ୍କି ସେ ସବୁଠାରେ ପୂଜା । ବିଦ୍ୟାବନ୍ତ ହୋଇଲେ ସେ ରାଜା ବନ୍ଦେ ରଜା
ବିଦ୍ୟାଥିଲେ ଉନ୍ନତ ମହତ ଲଭୁଥାଇ । ବିଦ୍ୟା ନ ପଢ଼ିଲେ ପ୍ରାଣି ମୃତ୍ୟୁ ସମ ସହ ।
ବିଦ୍ୟାର ପ୍ରସାଦେ ଯେ ପଦ୍ମଜ ନୁଏ ସ୍ତବ । ବିଦ୍ୟା ନ ପଢ଼ିଲେ ତାଙ୍କୁ ବୋଲନ୍ତି କାଳ ଅଙ୍କ
ବିଦ୍ୟା ନ ପଢ଼ିଲା ଲୋକ ଲକ୍ଷ୍ମୀହୀଣ ହୋଇ । ବିଦ୍ୟାଥିଲେ ଯେଉଁଣ ଠାନ୍ତ ଲକ୍ଷ୍ମୀ ଚଞ୍ଚଳଯାଇ
ସବୁ ଉପରେ ଗୁରୁ ବିଦ୍ୟା ଏହା ଜାଣି । ବିଦ୍ୟାର ପ୍ରସ୍ତାବେ ଜଡ଼ ଅଛନ୍ତି ଜାଣି ।
ସଭାର ଉପରେ ଶୋଭା ବିଦ୍ୟା ନୃପବର । ବିଦ୍ୟାର ପ୍ରସ୍ତାବେ ଜଣିପାରେ ଉନ୍ନପୁର ।
ଶୁଣ ନାଥ ମୂର୍ଖତା ବିଦ୍ୟାକୁ ନୋହେ ସହ । ଏ ଜନ୍ମ ପ୍ରସ୍ତାବେ ରାଜା ଉବକୂର୍ପ ଭଳ ।
ବିଦ୍ୟାହିଁ ସେ ପଞ୍ଚଭୂତ ସ୍ତ୍ରଷ୍ଟିର ସମ୍ବନ୍ଧ । ବିଦ୍ୟାଠାରୁ ଅଜ ଖାହିଁ ସଂସାରକୁ ଦେଲା ।
ଛଥି ଯୋଗ କରଣ ଛତିଶ ବାର ବର୍ଷ । ନାଗାଶ୍ରିତ ଯୋଗାଶ୍ରିତ ବିଦ୍ୟାହିଁ ପ୍ରତିଷ୍ଠି ।
ବିଦ୍ୟାରେ ସେ ଅତ୍ୟାତ ଦେବଗୁରୁ ମେଦନୀ । ଭବ ଶକ୍ତି ଅରସାତ ବିଦ୍ୟାକୁ ସେ ଦେଲ
ବିଦ୍ୟାହୀନ ହୋଇଣ ବର୍ତ୍ତନ୍ତି ଯେତେ ପ୍ରାଣୀ । ସ୍ମୃତୁ ଭବସେଲବନେ ସେ ତାହାଙ୍କୁହିଁ ଘଣି
ବ୍ରହ୍ମା ବିଷ୍ଣୁ ମହେଶ୍ୱର ଯେ ହୋଇବ ହେତୁ । ବିଦ୍ୟାର ବିଶ୍ୱେନ ଶୋଭି ଦ ପାବନ୍ତି ହେତୁ
ଅଶେଷ ବ୍ରହ୍ମାଣ୍ଡର ଠାକୁର ବିଶ୍ୱବାସ । ତୋର ନ ସ୍ଥାପିଲେ ଧର୍ମ ହୋଉଅଛି ନାଶ ।
ତୁ ଅନ୍ୟ ବୋଲବୁ ମୋର ସୂକ୍ଷ୍ମଗୁଣନିଧି । ମୋ'ତେ ବିଦ୍ୟା କହନ୍ତା ନାହିଁ ଅଛଇ ସୁଧୀ ।
କେତେତାଙ୍କ ଉପରେ ଦେବାଧିଦେବରାଜ । ନାଭିକମଳରୁ ବ୍ରହ୍ମା ହୋଇଅଛି ସର୍ଗ ।
ଏମନ୍ତ ବଚନ ଯେବେ ଦୁଦପନ୍ଦ କରୁ । ସୁଫଳ ନୃତନ କାର୍ଯ୍ୟ ନ ସେବିଲେ ଗୁରୁ ।
ଉତ୍ତମ ମଧ୍ୟମ ଯେ କନିଷ୍ଠ ବୋଲି ଜାଣି । ଏ ତିନି କଥାରେ ଅତ୍ୟାତ ହୋନ୍ତି ପ୍ରାଣୀ ।
ଆପଣେ ଜାଣିବା କଥା ପରେ ପଚାରିବା । ଉତ୍ତମଲୋକରେ ତାଙ୍କୁ ଗଣିବା କରିବା ।
ଆପଣେ ନ ଜାଣି ପରେ ପଚାରଇ ସେହୁ । ଜ୍ଞାନ ଲଭ ନ ଜାଣଇ ମଧ୍ୟମଟି ସେହୁ ।
ଆପଣେ ନ ଜାଣି ଯେହୁ ପରେ ନ ପଚାରେ । ତାହାକୁ କଲଷିବା ହିନା ଅଧମ ସଙ୍ଗରେ ।
ନୃପ ବ୍ରହ୍ମାଣ୍ଡର କଥା ଅଟେ ଗୁଣନିଧି । ଗୁରୁମୁଖୁଁ ବିଦ୍ୟା ସେନ କାର୍ଯ୍ୟ କେବେ ସିଦ୍ଧି ।

Digitized by PPRACHIN, SOA

ଏତେକ କହି ନାରଦ ହୋଇଲେ ଅନ୍ତର୍ଦ୍ଧାନ । ଉଗ୍ରସେନ ସହିତେ ଶୁଣିଲେ ସର୍ବଜନ ।
ମହାମୃତ ବହିଗଲେ ବିଦ୍ୟାଯୋଗ ବାର୍ତ୍ତ । ଆମ୍ଭର ମନକୁ ସାର୍ଥ ଲାଗିଲା ଉଚ୍ଛାଟ ।
ଏମନ୍ତ ସମୟେ ବେଳ ନବଘଡ଼ି ହୁଏ । ଭିତରକୁ ବିଜେ କଲେ ଉଗ୍ରସେନ ରାୟେ ।
ଜଣିମା ମଣିମା ବୋଲି ଶୁଭିଲାକ ଡାକ । ଆସ୍ଥାନ ମଣ୍ଡଳୁ ଉଠିଲେ ସର୍ବଲୋକ ।
ବସୁଦେବ ଭବନେ ବିଜୟେ କଲେ ପୁଣି । ସ୍ନାନ ଭୋଜନ କଲେ ବେଳକାଳ ଜାଣି ।
କହୁଁ କହୁଁ ଅପରାହ୍ନ ହୋଇଲେ ଆସି ଶେଷ । ରଜନୀ ହୋଇଲା ଆସି ପ୍ରହରେ ପ୍ରବେଶ ।
ବସୁଦେବ ଉଗ୍ରସେନ ସମକୁ ବିଚାର । ବିଦ୍ୟା ପଢ଼ିଯିବା କଥା ତାହାଙ୍କୁ ପଚାର ।
ଯାଦବମାନଙ୍କୁ ଘେନି ସଭା କଲେ ତହିଁ । ଗୋଷ୍ଠି ଗୋଷ୍ଠି ହୋଇ ତହିଁ ବେଳୁ ହରଷର ।
ଅନାବୃଷ୍ଟି ଯାଦବ ଯେ ସାତ୍ୟକି ଅକ୍ରୂର । କୃତବର୍ମା ସହିତେ ପ୍ରସନ୍ନାନ୍ତର ସାର ।
ମାତାଙ୍କର ନନ୍ଦମାତା ଇନ୍ଦୁମତୀ ଆଉ । ତାହାଙ୍କୁ ସମସ୍ତ ପଚାରିଲେ ହରଷର ।
ବନ୍ଧୁ ଯେ ବାନ୍ଧବ ସଙ୍ଗ ସହୋଦର ସବୁ । ସବୃନ୍ତ ବିସାର କଥା ପଚାରିଲେ ହାବୁ ।
ବ୍ରହ୍ମାଙ୍କର ନନ୍ଦନ ନାରଦ ତପୋଧନେ । ଯାହା କହିଗଲେ କଥା ଅଛୁଟି ମନେ ।।
ଅଷ୍ଟମ ବରଷ ଆମ୍ଭେ ଗୋପପୁରେ ଥିଲୁଁ । ଗୋପାଳଙ୍କ ସଙ୍ଗତରେ ବାଛୁରି ରଖିଲୁଁ ।।
ଗଉଡ଼ ବାଉଡ଼ ସେ ଯେ ହାଉଡ଼ି ନରେଣ । ତାହାଙ୍କ ସଙ୍ଗରେ ଏକ ହୋଇଲୁ ମୂରୁଖ ।
ପାଠ ଶାଠ ବିଦ୍ୟାକୁ ଯେ ନ ଜାଣିଲୁଁ କିଛି । ସଂସାର ବାଧାକୁ ସେ ହୋଇଲୁଁ ପଶ୍ଚାତ
ଅକ୍ଷପାଠ ଅକ୍ଷର ଯେ ନ ଜାଣିଲୁଁ କିଛୁ । ଇନ୍ଦ୍ର ବୃହସ୍ପତି ଯେ ସ୍ୱର୍ଗରେ କଲେ ବଞ୍ଛ ।।
ଏବେ ପୁଣି ଆମ୍ଭେ ଯେ ଅବନ୍ତୀପୁର ଯିବା । ଶାନ୍ତିପନ ପଣ୍ଡିତଙ୍କରେ ବିଦ୍ୟାର୍ଥ ପଢ଼ିବା ।
ତୁମ୍ଭେମାନେ ମନେ କିଛି ବଢ଼ନ୍ତ ନାହିଁ । ବିଦ୍ୟା ପଢ଼ି ଆସିବୁଁ ଅଳ୍ପଦିନ ରହି ।
ଉଗ୍ରସେନ ବୋଇଲେ ଶୁଣିବା ଦେବ ହରି । ତୁମ୍ଭଙ୍କୁ ନ ଦେଖି କେ ଜୀବନ ଥିବ ଧରି ।
ତୁମ୍ଭେ ଯେବେ ବିଦ୍ୟା ପଢ଼ି ଯିବ ଭଗବାନ । ମଥୁରାପାଟଣେ ମୋର ଭୟ ସମ୍ପୋଜନ ।
ତୋହର ବଳରେ ମୋର ରାଜ୍ୟ ନାହିଁ ଧାର୍ଯ୍ୟ । ତୁମ୍ଭେ ମୋର ପଞ୍ଚଭୂତଆତ୍ମା ଦେବରାଜ ।
ତୋହର ଅଛିଇ ବିନା ସକଳ ସମ୍ପତ୍ତି । ଯଦୁବଂଶ କୁଳକୁ ତୁ ଅଟୁ ଯଦୁପତି ।
ତୁମ୍ଭେ ଦେବ ଭାଇ ଯେବେ ବିଦ୍ୟା ପଢ଼ିଯିବ । ପ୍ରମାଦ ପଡ଼ିଲେ କେବା ରକ୍ଷା କରିବ ।
ଉଗ୍ରସେନ ଏମନ୍ତ କହନ୍ତେ ଆଗବଢ଼ି । ସାତ୍ୟକି ହୋଇଲେ ଉଭା କରପଦଯୋଡ଼ି ।
ବୋଇଲେ ଶ୍ରୀକୃଷ୍ଣ ତୁମ୍ଭେ ନ ଯାଅ ସେଠାକୁ । ଶାନ୍ତିପନ ପଣ୍ଡିତଙ୍କୁ ଆଣିବା ଏଠାକୁ ।
ଧନ ରତ୍ନ ଦେଇ ତାଙ୍କୁ ଆଣିବାର ଆମ୍ଭେ । ଏଠାରେ ଥାଇ ପ୍ରଭୁ ବିଦ୍ୟା ପଢ଼ ତୁମ୍ଭେ ।
ଏ ମୋହର ବଚନ ଯଦ୍ୟପି ନ ଘେନିବା । ଅବନ୍ତୀପୁରକୁ ଚାଲ ସମସ୍ତେହେଁ ଯିବା ।
ଯାଦବ ସୈନ୍ୟ ସହ ତୁମ୍ଭେ ଦଳବଳ । ତୁମ୍ଭେ ଯେବେ ଯିବଟି ଆମ୍ଭଙ୍କୁ ସଙ୍ଗେ ଘେନ ।।
ସାତ୍ୟକି ବୋଇଲା ଯହୁଁ ଏମନ୍ତ ବାଣୀ । ସାବଧାନେ ଶୁଣ ହେ ଶାଙ୍ଗ୍ରିବ ଚକ୍ରପାଣି ।
ଆମ୍ଭେ ତାଙ୍କୁ ବୋଇଲୁଁ ନୁହଇ କିଛି କଥା । ଗୁରୁଙ୍କ ମଠକୁ ଯିବେଁ କରଇବା ବୃଥା ।
ଅକ୍ରୂର ବୋଇଲେ ତୁମ୍ଭେ ଶୁଣ ନନ୍ଦବନ୍ଧି । ରଥ ଗଜ ପଦାତି ଯେତେକ ନେବା ବାଛି ।
ଉଦ୍ଧବ ବୋଇଲେ ଯେବେ ନ ରହିବ ଏଥା । ସାଧୁଜଣ ସଙ୍ଗେ ଘେନି ଅକ୍ରୂର ଭଉଁବାହା ।

Digitized by PPRACHIN, SOA

ବସୁଦେବ ଶଙ୍ଖାଚକ୍ର ଅକ୍ରୂର ସତ୍ୟଶ୍ରୁ । ଉଗ୍ରସେନ ସାତ୍ୟକି ଉଦ୍ଧବ ଅନିରୁଦ୍ଧ ।
ନାରଦଙ୍କେ ଶ୍ରେଷ୍ଠ ଯେ ଅଟନ୍ତି ସାରଥଣ । ରଥୀ ମହାରଥୀପଣେ ଏହାଙ୍କୁ ବରଣ ।
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ପାବନ୍ତି ଏହୁ ଜାଣି । ଏ ତୋହର ସାକ୍ଷୀ ଅଟେ ଅଟୁଁ ସାରପ୍ରାଣୀ ।
ବସୁଦେବ ବୋଲେ ତୁମ୍ଭେ ଶୁଣ ଚକ୍ରପାଣି । ତୁମ୍ଭେ ମୋର ପଞ୍ଚଭୂତ ଅଧାର ସମ୍ବଳ ।
ଭୂପଣର ଧନ ତୁମ୍ଭେ ଦୁଃଖୀଜନର ବନ୍ଧୁ । ଅନ୍ଧର ଲଉଡ଼ି ତୁମ୍ଭେ କୃପାଜଳସିନ୍ଧୁ ।
ଯେତେବେଳେ ଯାହା ଚକ୍ରୁ ତାହା ତୋତେ ଦେବୁ । ତୁ ଯେଣିକି ଯିବୁ ଆମ୍ଭେ ସଙ୍ଗେ ସଙ୍ଗେ ଥିବୁ ।
ଉଦ୍ଧବ ବୋଲେ ବାରୁ କୁଳବଧୂ ମୁହିଁ । ଗୋଟିଏ ତୁମ୍ଭେ ସଙ୍ଗେ ନେବ କିଛି ଭୟ ନାହିଁ ।
ତୁମ୍ଭ ବେଦ ପୁରାଣେ ମୋହର ବଡ଼ ଆଶ । ଧାଇଁ ପ୍ରାଣେ ହୋଇଣ ଥିବ ତୁମ୍ଭ ପାଶ ।
ଘଟକର ସ୍ୱପକ୍ଷ ଅନ୍ନ ଗୋଚୁର ଉଚ୍ଛିଷ୍ଟ । ପାଦହିଁ ଦର୍ଶନ ବାରୁ ପଖାଳିବ ଦାଣ୍ଡ ।
ଯାହାଙ୍କର ମାତା ମୁଁ ତୁମ୍ଭର ନିଜ ଅଣ୍ଡ । ଚତୁର୍ବର୍ଣ୍ଣ ହୋଇବ ପାଇଲେ ମୋତେ ଭୟ ।
ପୂର୍ବଦେବୁ ଦୃଶ୍ୟ କେମନ୍ତେ ହୋଇଅଛି ତାହୁ । ମୁହିଁ ତୋର ବନ୍ଧୁମାୟା ଛାଡ଼ିଅଛି ସବୁ ।
ନଗରର ପୁରୁଷ ଗୀତ ଗୋବିନ୍ଦ ଜଳଶାୟୀ । ଅଭାବକୁ ଅଭାବ ଭାବକୁ ସ୍ୱଭାବ ।
ଦେବତାଙ୍କ ଉପରେ ଦେବାଧିଦେବ ସ୍ୱାମୀ । ଜୀବରୂପେ ଜୀବ ତୁ ଯେ ସ୍ୱୟଂ ଅନ୍ତର୍ଯ୍ୟାମୀ ।
ସ୍ୱାପରେ ସ୍ୱରୂପସ୍ଥ ଦେଖିବାର ପାଇଁ । ମର୍ତ୍ତ୍ୟେ ଜାତ ହୋଇଛ ମାନବ ଦେହ ବହି ।
ଧନ୍ୟ ଧନ୍ୟ ଦେବକୀ ଅଟଇ ଦେବମାତ । ନନ୍ଦାଙ୍କର ପ୍ରଭୁଙ୍କୁ ସର୍ବରୁ କଲେ ଜାତ ।
ଧନ୍ୟ ଏହା ସବଲୋକମାନଙ୍କର ପୁଣ୍ୟ । ଜଗତର ପ୍ରଭୁ ସଙ୍ଗେ ବସୁଛନ୍ତି ଦିନ ।
ଯୁଦ୍ଧକ୍ଷେତ୍ରେ ସେ ବ୍ରହ୍ମରୂପ ଦେଖୁଛନ୍ତି ଲୋକେ । ଏବେ ବୋଲି ଉଦ୍ଧବ ଗଦଗଦ ହେଲେ ।
ଜଗନ୍ନାଥ ଅଜ ତୁମ୍ଭ ଶ୍ରୀମୁଖକୁ ଚାହିଁ । ଆନନ୍ଦରେ ଲୋତକ ଯେ ଝରୁଅଛି ବହି ।
ଆମ୍ଭେ ତାଙ୍କୁ ବୋଇଲୁଁ ହେ ପୁତ୍ର ଶୁଣ ଯାହା । ସମସ୍ତ ପ୍ରାପତ ହେଉ ଦେଲୁ ଆମ୍ଭେ ଯାହା ।
ଏଥିଅନ୍ତରେ ତୁ ହେ ଶୁଣହି ଅର୍ଜୁନ । ସନ୍ତୋଷ ହୋଇଣ ତାଙ୍କୁ ବୋଇଲୁଁ ବଚନ ।
ଆବର ଶ୍ରୀ ଦୁଇପୁଅ ଦେବ ସର୍ବ ଜାତ । ଯଦୁବଂଶ ମଣ୍ଡଳି କୁଳକୁ ବୃଦ୍ଧମାନ ।
ଦେବଙ୍କର ଷଡ଼ପୁତ୍ର ମରିଛନ୍ତି ଯୋଗେ । ତାହାଙ୍କୁ ଆଣିଣ ଦେବୁ ସେହି ତୁମ୍ଭ ଆଗେ ।
ତୁଷ୍ଟପଦେ ହୋଇ ମାଗେ ଏ ବର ମୋତେ । କଂସ ସବୁ ମାନ୍ତି ଗଣି ସବୁ ଦେବୁ ତୋତେ ।
ଦେବତାଙ୍କୁ ଘଞ୍ଚ ଯେ ହୋଇଲା ବେଳ ସାରିଁ । ତତେ ବଶମକା ଯେ ସୁଦାସ ବଳ ଯାଇଁ ।
ଦେବତାଙ୍କ ଜନ୍ମକ୍ଷେତ୍ରେ ମୁଁ ଜାଣ ନାଇ ବଂଶ । ଆବର ମାଇଲି ମାରେ ଅନେକ ସଂସାର ।
ଏ ବଚନ ଶୁଣି ଭାଲ କର୍ଣ୍ଣେ ଜାଣ ଆଉ । ସାବଧାନେ ଶୁଣ ତୁମ୍ଭେ ଯୁଧିଷ୍ଠିର ଭାଇ ।
ଭାଗବତଗୀତା ଏ ଅମୃତ ରସବାଣୀ । ମୁକ୍ତ ହୋଇବୁ ପାର୍ଥ ବେଳ ଚିତ୍ତେ ଶୁଣି ।
ଉଦ୍ଧବ କହିଲେ ସେ ବଚନର ଭାଷା । କଂସର ପୁତ୍ରକୁ କୃଷ୍ଣ ମନେ ଥାଉ ହଂସା ।
ଦେଖିବ ନନ୍ଦର ସେ କୃଷ୍ଣଙ୍କ ଅଙ୍ଗମାଳୀ । ଷଡ଼ଟାରେ ବେଦପୁତ୍ର ଦେଖି ବନମାଳୀ ।
ଧ୍ୟାନ ଚାଲିଗଲ କୁମ୍ଭ ସନ୍ତୁଷ୍ଟ । ଏ ପୂର୍ବେ ଅଟନ୍ତି ଯେ ଶାସ୍ତ୍ରର ନାଥ ।
ସ୍ମରଣ ଯେ ଦ୍ୱାବାଦଶ ପୂରବା ରଜନୀ । ଅବଶିଷ୍ଟ କୃଷ୍ଣଯୁକ୍ତ ଜୟ ଯେ ଜୟନ୍ତୀ ।
ଅସୁର ଲଙ୍କୁ ଯେ ଦୁର୍ଗମ ଜଗତେଠି । ମହାସୁର ବୋଲିଣ ମୂର୍ଚ୍ଛିତ ପୃଥ୍ବୀଗୋଷ୍ଠୀ ।

Digitized by PPRACHIN, SOA

କଂସର ଉଦସ୍ତୁ ବିଂସହନ୍ତାଙ୍କ ଯେ ନାମ । ହାଲାକ୍ଷର ପୁହଯାଇ ଏକୁଏକ ଯମ ॥
ଅଠକୋଟି ନନ୍ଦନ ଏକକୁ ଏକ ଉଚ୍ଚ । ଆମ୍ଭଙ୍କୁ ମାରବେ କୋଳି ସବୁଙ୍କର ପାଞ୍ଚ ।
ଅର୍ଜୁନ ବୋଇଲେ ମୁଁ ଯେ ପଶ୍ଚୁବୁଛି ତୋତେ । ଅଷ୍ଟମହାପ୍ରଭଙ୍କର ଡାମମାନ କହତେ ।
କଂସର ନନ୍ଦନ କଂସାତ୍ମଜ ହୋଇଲା । ସବୁଦସ୍ତେ ଏ କଥାଡ ମନରେ ବହିଲା ।
ଭଗବଦ୍ଗୀତା ଅର୍ଥ ଶୁଣିଲୁ ପ୍ରଭ୍ୟସ୍ୟ । ଏ ଜପ ହୋଇଲା ତ ହା ତତ୍ତ୍ୱ ଜଦଜିଶ୍ୟ ॥
ଶ୍ରୀହରି ବୋଇଲେ ପାର୍ଥ କହୁଦେବ ମୁହିଁ । କ୍ରୋଧବନ୍ତ ହୋଇଲେ ଅମୁର ନନ୍ଦଅଇ ॥
ଉଦ୍ଧବଙ୍କ ବେ ଲେ ବାବୁ ଶୁଣ ଭଗବାନ । ଯାହା ଭୁ ଞ୍ଜ ଥାଇ ଅଛୁ କେତେ ଜନ୍ମ ଅନ ।
ଏତଙ୍କସାନ୍ଧବ ତୋତେ ଭୁହ ଦେବୁ ହଉ । ସୁଦାମାର ପୁନ୍ ତୋତେ ସେବା ସ୍ରବ ହଉ ।
ଦଧିବୋଷ ନନ୍ଦା ବାବୁ ଦଉବୁ ଆହାର । ଏତେଣେ ହୋଇ ଭ୍ରାତ ବାବୁ ମଞ୍ଜୁଳାକୁମର ।
ଏତେ ବୋଲି ଉଦ୍ଧବଙ୍କ ଆସନୁ ଉଠିଲେ । ସୁରଥଙ୍କୁ ଅଶ୍ୱିଣ ଆମ୍ଭଙ୍କୁ ସମର୍ପିଲେ ।
ଏହୁ ଭ୍ରାତା କୋଷ୍ଟ ବାବୁ ତୁମ୍ଭ ସଙ୍ଗେ ଥାଉ । ସେବକ ପଣରେ ତୋତେ ସେବା କରୁଥାଉ
ଶ୍ରୀବନ୍ତ ପୁରୁଷ ଭୁ ଯେ କୋଟିଲକ୍ଷ୍ମୀସାଇଁ । ଭୁ ଯହିଁକି ଯିବୁ ଅବା କମ ତୋତେ ନାହିଁ ।
ବୁଦ୍ଧିମନ୍ତ ଧନବନ୍ତ ବଳବନ୍ତ ତୁହି । ସପ୍ତଦ୍ୱୀପ ପୃଥ୍ୱୀରେ ତା କେତେ ଲୋକ ନାହିଁ ।
ହବୁଙ୍କୁ ଶ୍ରୀମନ୍ତ ଯେ ଉତ୍ତମ ଜନ ପ୍ରାଣୀ ଶ୍ରୀମନ୍ତର ତୁମ୍ଭେ ଯେ ଦେବାଧିଶିରୋମଣି ।
ଏବେ ତୁମ୍ଭେ କନ୍ୟା ପଡ଼ି ଯାଅ ଗୀତାବାସ । ପାଠ ସାଧକର ବାନ୍ଧ ବେଗେ ତୁମ୍ଭେ ଅସ ।
ଅମ୍ଭେ ତାଙ୍କୁ ବୋଇଲୁ ଗୋ ଓ କର ଶ୍ଳୋକଜ । ଜନା ଗୃହ ଭୃତ୍ୟରେ ବନ୍ଧନଅସୁସିନା ।
ଅନୁଭବ ଥିଲେ ବନ୍ଧ୍ୟା ଧ ଉନ୍ନାରେ ପାଇ । ଏଥକୁ ମନରେ ଚିନ୍ତା ନ କର ଗୋସାଇଁ
ଶୁଣିକରି ସମସ୍ତେ ହୋଇଲେ ପାର୍ଥ ଭୁଜ । ଜୟ ଜୟ ଶବ୍ଦ ଶୁଭଇ ହରଧ୍ୱଜ ।
ଉଗ୍ରସେନ ବସୁଦେବ ତହିଁ ସତମଳ । ଯାଦବମାନଙ୍କ ମନ ହୋଇଲା ହରଷ ॥
ସଙ୍କଷ୍ଟେ ଅନୁକୂଳ ହେଲୁ ସବ୍ୟସାଚ । ଦୀନକୃଷ୍ଣଦାସ ଏହା ଗୀତରେ ଭଣନ୍ତି ॥
ଇତି ଶ୍ରୀ ନାମରତ୍ନଗୀତାୟାଂ ଶ୍ରୀବଉଅର୍ଜୁନସମ୍ବାଦେ କଥୋପକଥନେ ନାମ ଦ୍ୱାଦଶୋଽଧ୍ୟାୟଃ ।

ତ୍ରୟୋଦଶ ଅଧ୍ୟାୟ ।

ମକର ଶୁକ୍ଳପକ୍ଷପୂର୍ଣ୍ଣିମୀ ଚନ୍ଦ୍ରବାର । ମଘା ନାମେ ନକ୍ଷତ୍ର ଅଟଇ ସେ ଦିନର ।
ଶୁଭ ନାମେ ଯୋଗ ଯେ ତଇତିଲ କରଣ । ବୃଷ ବେଳେ ଅନୁକୂଳ ହେଲୁ ହେ ଅର୍ଜୁନ ।
ଅଗେ ବଳରାମ ପଛେ ସୁଦାମାକୁମର । ଶୁଭଯୋଗେ ଜବରୁ ଯେ ହୋଇଲୁ ବାହାର ।
ମଞ୍ଜୁଳାଙ୍କ ନନ୍ଦନ ଯେ ଉଗ୍ରସେନ ନାତି । ସୁରଥହିଁ ଲାଗିଅଛୁ ଆମ୍ଭ ପଛହତି ।
ମଥୁରା ଭୁବନୁ ବେଗେ ହୋଇଲୁ ବାହାର । କ୍ଷଣକରେ ଲଙ୍ଘିଲୁ କଦଳୀ ବନ୍ଧୁ ଦୂର ।
ଥୋଡାଏ ଗଲୁ ଯେ ଯମୁନାକୂଳ ମାଡ । ନୈଋତ ଦିଗକୁ ଗଲୁ ପୂର୍ବ ଦିଗ ଛାଡ଼ ।
ମହାବନ ଗହନ ପବନ ଲତା ଜଳ । ଫଳଭରେ ଭୂମିରେ ଲମ୍ବନ୍ତି ଡାଳ ।
ହରିଣ ବାଘ ଶାର୍ଦ୍ଦୂଳ ସିଂହ ହସ୍ତୀ । ଶଶା ମୂଷା ସହିତେ ମର୍କଟ ଭାଳୁ ଜାତି ।

Digitized by PPRACHIN, SOA

ତରଳ୍ପ ଯେ ଯାହାର ମତେ ମୃଗ ଶମ୍ବର । ବ୍ୟାଘ୍ର ଯେ ଭଲ୍ଲୁକ ଗଣ୍ଡା ଗଯୂଳ ଅପାର ।
ଶାଳ ପିଳ ତରୁ ଯେ ଚନ୍ଦନୁଲ ଦ୍ରବ୍ୟ ଶମ୍ । କେତକୀ କଳଥ ବେଲ ଗମ୍ଭାରୀ ଉଗ୍ରାଙ୍ଗ ।
ଅଶ୍ବରୁଚନ୍ଦନ ପନସ ଜାମ୍ବୁ ଆ । ତା ରଙ୍ଗ ଭଙ୍ଗ ଯେ ଅବର ପାଇଧୂଅ ।
ନରଡ଼ା ବାହାଡ଼ା ଶ୍ଲେଷ୍ମ ଅବର ତରୁ ଶାଳ । ନାଶ୍ପ ବଟ ଦେବଦାରୁ ପୁନାଙ୍ଗ ମନ୍ଦାର ।
ଚମ୍ପକ ପାଟଳ ଅଶୋକ ତରୁ କଦଳୀ । ଶାଲପର୍ଣ୍ଣି ସରଳ ଧାତୁକ ପର୍ଣ୍ଣଥଳା ।
ମଯୂର ନୀଳକଣ୍ଠ ପାରାବତଙ୍କ ସହ୍ରରେ । ତରୁ ନାମ ଅର୍ଜୁନ କହିବା କେତେ କେତେ ।
ଫଳଭରେ ତରୁ ଯେ ନଶାନ୍ତ ଦ୍ରବ୍ୟ ଶୋଭେ । ଶିଖରିଙ୍କୁ ଗ୍ରହିଁଲେ ନଗର ଦ୍ରବ୍ୟ ଅଛି ।
ମହା ଘୋରଝଟିରେ ଯେ ଜଳ ଜନ୍ତୁ ନାହିଁ । ମନର ସାନନ୍ଦେ ପାର୍ଥ ଯାଉଥିଲେ ତହିଁ ।
ନଗର ତୋରଣ ଯେ ପଶିଲୁଁ ତନ୍ତକ୍ଷଣ । ଅଦୃଶ୍ୟ ଅସ୍ତ୍ରକୁ ଗଲୁଁ ବେଦ୍ରସବ ଯୁଣ ।
କହୁଁ କହୁଁ ଏତେ ଦେଶ ଛାଡ଼ିଲୁଁ ପାଣ୍ଡୁ ଶିଷ୍ୟ । ତାହାଙ୍କ ଦେଶରେ ଯାଇ ହୋଇଲୁଁ ପ୍ରବେଶ
ଅନ୍ତରେଖା ନାମେ ତହିଁ ନଦୀ ଏକ ବହି । କନକ ରେଣୁତର ତହିଁ କଲୁଁ ଜଳପାନ ।
ତତ୍ତ୍ବ ପଣି ଜମ୍ବୁଦ୍ବୀପ ଭଣ୍ଡୁର ମାଗି ଚଳିଲୁଁ । ଶ୍ରେଷ୍ଠତନ ଶସ୍ୟକ ସାଥ ଅଭେଦ କଲୁଁ ।
କୁଳକ୍ଷେଣ ପଶିଲୁଁ ଟେଥାକାଏ ଦୂର ବାଟ । ହୋଳାହଳ ନଗ୍ରରେ ମିଳିଲୁଁ ପଣ୍ଡୁ ସୁଟ ।
ମହା ଘୋରଅରଣ୍ୟ ପର୍ବତ ତଟ ଘୋରେ । ନରଶାଙ୍ଖାୟନ ଋଷି ଅଧିଷ୍ଠିତ ଅଛେ ।
ଷଣ୍ଢବୁରୁଁ ଅର୍ଜୁନ ଦେଖିଣ ଆମ୍ଭ ମୁଖ । କହିଲେଁ ବୋଲି ମୁନି ମନେ ମହାସୁଖ ।
ନରନାରୀ ପୁରୁଷ ଯେ ଦେଖିଲୁଁ ନେତ୍ରରେ । ଜନ୍ମ ମୋର ସୁଫଳ ହୋଇଲା ଏତେଦିନେ
ଧନ୍ୟ ମୋର ମାତା ପିତା ଜୀବନହିଁ ଧନ୍ୟ । ଏତେ ବୋଲି ଖୁସିରେ ମିଳଲେ ଅସି ମନ ।
ଋଷିଙ୍କି ଦେଖିଣ ଆମ୍ଭେ ଶୁଣ ପାଣ୍ଡୁବାଳ । ଷଡ଼ଙ୍ଗାଙ୍କି ଯୋଇଲୁଁ ମୁନିଙ୍କ ପାଦତଳ ।
କରପଦ ଯୋଡ଼ିଣ ସମ୍ମୁଖରେ କଲୁଁ ସ୍ତୁତି । ଦେଖି ମହା ସନ୍ତୋଷ ହୋଇଲେ ମହାଯତି ।
ମୁନି ବୋଇଲେ କୃଷ୍ଣ କାହିଁକି ଆସିବତି । ଆମ୍ଭେ ତାଙ୍କୁ ବୋଇଲୁଁ ଯାଉଛୁଁ ପାଠପଢ଼ି ।
ଅବନ୍ତୀ ନଗରେ ଅଟେ ସାନ୍ଦୀପନି ଘର । ଶୁଣିକରି ପଚିଲେ ଏହି ମୁନି ଏକେଶ୍ବର ।
ମୁନି ବୋଇଲେ ଏ କଥା କହିବା କି ଆମ୍ଭେ । କାହିଁପାଇଁ ପଥଶ୍ରମ ପାଇଛ ତୁମ୍ଭେ ।
ଅଣ୍ଡାକାର ପୁରୁଷ ତୁ ଅଟୁ ନାରାୟଣ । ତୁହି ମନ କଲେ ବିଦ୍ୟା ସବୁଠାରେ ଅଛି ।
ଆମ୍ଭେ ତାଙ୍କୁ ବୋଇଲୁଁ ଶୁଣିମା ମୁନିବର । ଗୁରୁ ସେବା ନ କଲେ କେମନ୍ତେ ହେବୁ ପାର
ମୁନି ଯେ ବୋଇଲେ ଥିଲା ଦେଇ ଲକ୍ଷ୍ମୀପତି । ତୁମ୍ଭର ବଚନ ଶୁଣି କେ କରିବ ଚାତୁରି ।
ଅବନ୍ତୀ ପୁରକୁ ଯେବେ ଯିବ ଭଗବାନ । ସାନ୍ଦୀପନି ପଣ୍ଡିତଙ୍କର ଜୀବନହିଁ ଧନ୍ୟ ।
ଏବେ ସେ ସିଦ୍ଧିବନ୍ତ ତାହାଙ୍କ ମନୋରଥ । ସ୍ବର୍ଗଲୋକେ ହୋଇଲେ ସେ ପଣ୍ଡିତା ଏସାନ୍ତ
ଏତେକ ବୋଲି ମୁନି କଲ୍ୟାଣ ସ୍ତୁତି କଲେ । ଅଶିଷ୍ୟ ତଣ୍ଡୁଳ ଚାଉଳ ଭାଇଗିରେ ଦେଲେ
ଶାଳଗ୍ରାମ ଶିଳା ମୋତେ ଦେଲେ ମୁନିବର । ବୋଇଲେ ତୁମ୍ଭର ମନୋବାଞ୍ଛା ସିଦ୍ଧି ହେଉ
ବେଦବ୍ୟାସ ଅନନ୍ତ ମନ୍ଦରଗିରି ତଟେ । ଯେ ହୋଏ ତୁମ୍ଭେ ତାହାଙ୍କୁ ଭେଟିବ ନାହିଁ
ଏତେ ବୋଲି ମୁନିଙ୍କି ମେଲାଣି ଦେଲୁଁ ତହିଁ । ଉଦ୍ୟାନ ଚଳିଲୁଁ ପଶ୍ଚିମମୁଖ ହୋଇ ।
ପିଣ୍ଡୁଙ୍କ ଡଗର ସବେ ଛାଡ଼ି ଦୂର ଗଲୁଁ । ଚୂଡ଼ାଙ୍କ ଦେଶରେ ଯାଇ ପ୍ରବେଶ ହୋଇଲୁଁ ।

Digitized by PPRACHIN, SOA

ରୁଦ୍ରକୁଟ ବୋଲି ତହିଁ ପର୍ବତେ ଆରମ୍ଭ । କେଦାରଠାରୁ ଯୋଜନେ ଅଷ୍ଟ ତାର ଲମ୍ବ ।
ତୁଳନା ନ ଯାଇ ସେ ଅପୂର୍ବ ଗିରି ଖଣ୍ଡ । ଉପରକୁ ଅଛଇ ଯେ ନକ୍ଷତ୍ରପୂର୍ଣ୍ଣ ଉଚ୍ଚ ।
ବିସ୍ତାର ଗହଳ ଲତା ତରୁଗୁଳ୍ମ ଶିଳ । ଅନ୍ତରୀକ୍ଷମଣ୍ଡଳ ସମ ଲତା ବୃକ୍ଷମାଳ ।
ଅରଣ୍ୟର ଶବଣ ଛଳକୁ ଆସ୍ୱାଦୁଁ । ଦଗ୍ଧଦେହ ସେ ଟିଅଛୁ ଏକମୁଖ ହୋଇ ।
ଫଳଭରେ ତରୁଏ ଅପୂର୍ବ ଶୋଭା ପାନ୍ତି । ଦେଖଣେ ଝେଣ ଧାଡ଼ ଧାଡ଼ ହୋଇ ଶତ ପନ୍ତି ।
ସେଠାବରୁ ଉଜାଗ୍ରତ ଗଲୁଁ ଅଳ୍ପ ଖଣେ । ପ୍ରବେଶ ହୋଇଲୁଁ ଯାଇ ବ୍ରାହ୍ମୀନଦୀ ତୀରେ ।
ବୃନ୍ଦଗିରି ବୋଲଣ ଯେ ପର୍ବତେକ ସଞ୍ଚ । ଷଡ଼ଯୋଜନ ବିସ୍ତାର ଯେ ଦୀର୍ଘପୂର୍ଣ୍ଣ ଉଚ୍ଚ ।
ସେ ପର୍ବତ ପୂର୍ବଭାଗେ ତପସ୍ତପ ଶ୍ରୀଗ୍ରାମ । ରଘୁବର ବୋଲଣ ସେ ପାଟଣାର ନାମ ।
ବ୍ରାହ୍ମୀ ବହ୍ର ନଦୀକ ସେ ଉପଲେନ୍ଦ୍ର ଖଣ୍ଡ । କଟକ ବସିଛି ତହିଁ ଶୋଭାପୂର୍ଣ୍ଣ ମାଣ୍ଡ ।
ଦକ୍ଷିଣ ଘର ଯେ ବ୍ରାହ୍ମଣ ତହିଁ ରଜା । ପୂର୍ବେ ଯାହା ସ୍ଥାପିଲେ ରାମଚନ୍ଦ୍ର ରଜା ।
ଅଷ୍ଟାଦଶ ପାଟକ ଯେ ନାନା ବର୍ଣ୍ଣ ଜାତି । ନଗ୍ର ବେଢ଼ି ହାଟ ଅଛି ଘର ଚଉକତି ।
ଜଗତୀ ଅଟ୍ଟାଳୀ ତହିଁ ଦେବାଳୟମାନ । ଅନ୍ନବସ୍ତ୍ର ଛନ୍ଦ ତହିଁ ନଗରରେ ଦାନ ।।
ରାମେଶ୍ୱର ବୋଲି ତହିଁ ଲିଙ୍ଗ ବଡ଼ ଶୋଭା । କୋଟିଏ ସୂର୍ଯ୍ୟର ଜ୍ୟୋତି ପ୍ରକାଶଇ ପ୍ରଭା
ସେଠାବରୁ ଉଜାଗ୍ରତ ଚଳିଗଲୁଁ ଖଣେ । ପ୍ରବେଶ ହୋଇଲୁଁ ଯାଇ ଚନ୍ଦ୍ରଶେଖର ଘରେ ।
ଗଳବଳ ଦେଶରେ ପ୍ରବେଶ ହେଲୁଁ ଯାଇ । ଯଥାବିଧି ଦର୍ଶନରେ ସେ ତଟସ୍ଥମାନ ହୋଇ ।
ବାରକୋଶ ମାଣ୍ଡଣ ବସିଛି ନଗ୍ରକୋଟ । ଚନ୍ଦ୍ରଶେଖର ନାମେ ତହିଁ ପୂର୍ବଭାଗେ ଶୋଭେ ।।
ହାରୁଷ ପର୍ବ ତାହିଁ ପର୍ବତ ଦବାଗ୍ନି । ଅଷ୍ଟକୋଣ ଅଷ୍ଟଦଣ୍ଡ ତହିଁ କୂଳ ।
ଐଶ୍ୱର୍ଯ୍ୟ ନାମେଣ ଯେ ରାଜ୍ୟ ପାଳନ୍ତ । ପୂର୍ବଦିଗେ କଟକ ବସନ୍ତି ଦେବଗଣ ।
ସେଠାବରୁ ଉଜାଗ୍ରତ ଚଳିଗଲୁଁ ଖଣେ । ବେଣୁତାପୁର କଟକେ ମିଳିଲୁଁ ଧାଇଁଧାଇଁ ।
ଲକ୍ଷ୍ମୀମାଧବ ନାମେ ପର୍ବତେ ଅଛି ତହିଁ । ସେଠାବରୁ ଚଳିଲୁଁ ପଶ୍ଚିମମୁଖ ହୋଇ ।
ଗୋଦାବରୀ ସରସ୍ୱତୀ ଲୁପ୍ତବେଣୀ ଜାଣି । କର୍ଣ୍ଣାଟ ଦେଶରେ ପ୍ରବେଶିଲୁଁ ଯାଇଁ ପୁଣି ।
କଟକର ମଧ୍ୟସ୍ଥାନ ମଣ୍ଡପରେ ରହି । ଶୀତଳ ମନୋହର ହେଲୁ ଆମ୍ଭେ ଉଜାଗ୍ରତ ।
ବଳଦା ପ୍ରାନ୍ତରୁଁ ଗଲୁଁ ମଠର ଦ୍ୱାରଟେ । ନିତ୍ୟକର୍ମ ସାରିଲୁଁ ମହେନ୍ଦ୍ରଗିରି ତଟେ ।
ସେଠାବରେ ଥିଲେ ବେଦବ୍ୟାସ ମହାଯନ୍ତ୍ର । ଧ୍ୟାନରେ ଜାଣିଲେ ଅସ୍ତଗନ୍ତ୍ର ଶିଷ୍ୟଗଣ ।
ଯାତ୍ରାପଥ ଦରେ ବିଦ୍ୟା ପଢ଼ିବାର ପାଇଁ । ଉଜାଗ୍ରତ ଅସ୍ତଗନ୍ତ୍ର ଏକମୂର୍ତ୍ତି ହୋଇ ।
ଅବଶ୍ୟ ତାହାଙ୍କୁ ଆମ୍ଭେ ଭୁଲାଇବା ଆଜ । ଜନ୍ମର ସୁଫଳ ଯେ ଦେଖିବା ଦେବରାଜ ।
ପରମମୂର୍ତ୍ତି ଯେ ପ୍ରାପତ ହେଲା ବାଟେ । ସମସ୍ତ ମନୋହର ହରଦେ ଆମ୍ଭ ମଠେ ।
ଏବେ ବୋଲି ମୁନିବର ପାଠେଣ୍ଟି ଅଇଲେ । ଶୀଘ୍ରଗାମୀ ଶିଷ୍ୟଙ୍କୁ ଆଜ ଦେଖିବା ବୋଇଲେ ।
ଶରତର ହୋଇଣ ସମସ୍ତ ବେଦବ୍ୟାସ । ପଛରେ ଗୋଡ଼ାଇଛନ୍ତି ନବପଣ୍ଡି ଶିଷ୍ୟ ।
ବନ୍ଦୁଁ ବନ୍ଦୁଁ ଜପନ୍ତେ ହୋଇଲେ ଅଙ୍ଗ ମୂର୍ଚ୍ଛା । ସମ୍ମୁଖେ ଦେଖିଲୁଁ ଆମ୍ଭେ ଭାଇ ସୋଟିଭନା
ସବ ସବ ବର୍ଣ୍ଣ ପୂଜିତ ପ୍ରେମାତୁରୀ । ଆନନ୍ଦେ ଲୋତକଧାର ନୟନରୁ ସର ।
ମୁନିଙ୍କି ଦେଖିଣ ଆମ୍ଭେ ଭକ୍ତଗୋଷ୍ଠି ଭାଇ । ଦଣ୍ଡବତ ହେଲୁଁ ଆମ୍ଭେ ପାଦତଳେ ଯାଇଁ ।

Digitized by PPRACHIN, SOA

କଲ୍ୟାଣ କରଣ ସେ ବୋଇଲେ ମୁନିବର । ଏକ ଗୋଟି ଘର ତୁମ୍ଭେ କରଅ ଏଥାମର ।
ବଚନ ନିଶାଇଣ ସେ ମୁନିଙ୍କ ଭ୍ରମି ଦେଲେ । ହୋଇ ବର ଅପଣା ମଠକୁ ଯେବଗଲେ ।
ବନ୍ଧୁର ଆନନ୍ଦ ସେ ହୋଇଲେ ବ୍ରହ୍ମଋଷି । ସମସ୍ତେ ସେ କଲ୍ୟାଣ ଅମ୍ଭଙ୍କୁ କଲେ ଆସି ।
ଏଥୁ ଅନନ୍ତରେ ପାର୍ଥ ଶୁଣ ଦିବ୍ୟବାଣୀ । ନାମରତ୍ନଗୀତା ଦୀନକୃଷ୍ଣଦାସ ଭଣି ।

ଇତି ଶ୍ରୀ ନାମରତ୍ନଗୀତାୟାଂ ଶ୍ରୀହରି ଅର୍ଜୁନ ସମ୍ବାଦେ ଶ୍ରୀହରି ବଳରାମ ସୁରଥ ବେଦବ୍ୟାସ ମଠ ପ୍ରବେଶେ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ।

—•○✻○•—

ପଞ୍ଚଦଶ ଅଧ୍ୟାୟ ।

ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ଅନ୍ତର୍ଯ୍ୟାମୀ । ରଥ ଥାଉଁ ଶ୍ରୀଅଙ୍ଗ କମ୍ପା ହେଲ ପାଦଗାମୀ ।
ଯାହା ଅଙ୍ଗପ୍ରମାଣେ ଅଟଇ ନନ୍ଦଘୋଷ । ପଥଶ୍ରମେ କପାଇଁ ଦେହକୁ କଲ ତ୍ରାସ ।
ଶ୍ରୀହରି ବୋଇଲେ ପାର୍ଥ କଥମତେ ସେବା । ରଥ ଅଶ୍ୱ ଚଢ଼ି କିପାଁ ଗୁରୁଠାକୁ ଯିବା ।
ଦୁଃଖ ପାଇ ଗଲେ ସବୁ ହୁଅଇ ପ୍ରାପତ । ତେଣୁକରି ନ ବସିଲୁଁ ନନ୍ଦଘୋଷରଥ ।
ମହାମଣିପାଦୁକା ଯେ ତେଜିଲେ ଶରୀପାଇଁ । ତାହା ଥିଲେ ଅମ୍ଭଙ୍କୁ କିଛିହିଁ ତ୍ରାସ ନାହିଁ ।
ସେ ମଣି ପ୍ରାପତ ଆସି ହୋଇଅଛି ତେଣୁ । ନିମିଷକେ ଇନ୍ଦ୍ରପୁର ଭ୍ରମିପାରୁଁ ଏଣୁ ।
ଜଳସ୍ଥଳରେ ପିନ୍ଧି ଚାଲୁଥାଉଁ ବାଟ । ସେ କଥାହିଁ ତୋତେ ଅଗେ କହୁଁ ପଣ୍ଡୁସୁତ ।
ନାନା ଦେଶ ନଗ୍ର ଫେର ଦେଖୁଥାଉଁ କ୍ଷଣେ । ମନ କଲେ ଯାଇପାରୁଁ ଏକ ନିମିଷରେ ।
ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ଯଦୁବଂଶୀ । ଅଶେଷ କୋଟି ବ୍ରହ୍ମାଣ୍ଡ ଯାହା ଗର୍ଭେ ଅଛି ।
ତାହାକୁ କୌଣସି କଥା ନୁହଇ ସେ ଦୂର । ନ ଜାଣି ବୋଇଲି ଯେ ଅପରାଧ କ୍ଷମା କର ।
ଶ୍ରୀହରି ବୋଇଲେ ତୋତେ କହିବା ଅର୍ଜୁନ । ଏହି ହେତୁ କାହିଁପାଇଁ କହୁ ହନ ଭବ ।
ଅମ୍ଭଙ୍କୁ ଯେ ଦୁଃଖ ହୋଇ ସେହୁ ଯେତେ ବ୍ୟଥା । ସହଜେ ନୁହଇ ସେ ଯେ ଅଣହୁଭ କଥା ।
ଅର୍ଜୁନ ବୋଇଲେ ପ୍ରଭୁ ଆଜ୍ଞା ହେଉ ଏବେ । ବେଦବ୍ୟାସ ତୁମ୍ଭଙ୍କୁ ଯେ ଯେଉଁଗଲେ ଯେବେ ।
ହେମକୁଣ୍ଡ ପ୍ରଜାଳେ ପୂଜା କଲ ଜନ୍ମବସ । ଏକଥା ଶୁଣିଣ ମୋର ଚିତ୍ତ ହେଉ ତୋଷ ।
ଶ୍ରୀହରି ବୋଇଲେ ସେ ମଠକୁ ଯେବେଗଲେ । ବସିବାକୁ ବ୍ରହ୍ମାସନ ସ୍ଥଳ ପାଦ ଦେଲେ ।
ବେଦବ୍ୟାସ ବୋଇଲେ ଶୁଣିମା ଦେବରାଜ । ଏ ମଠ ଗୋଷ୍ଠରେ ତୁମ୍ଭେ ବଜେ କର ଆଜ ।
କଳଗୋଷ୍ଠି ଭାଇ ଯେ ଭୁଞ୍ଜିବ ଅମ୍ଭ ଅନ୍ନ । ତେବେ ସିନା ଜୀବନ ହୋଇବ ଅମ୍ଭ ଧନ୍ୟ ।
ଅମ୍ଭେ ତାଙ୍କୁ ବୋଇଲୁଁ ଯେ ବେଗେ ସଜ ଭାତ । ତୁମ୍ଭ ଅନ୍ନ ଭୁଞ୍ଜି ଅମ୍ଭେ ହୋଇବୁଁ ମୁଦିତ ।
ଯେବଣ ବ୍ୟାସ ମୁନିଙ୍କ କାମଧେନ ସାହା । ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ଅପୂର୍ବ ଯେବା ଯାହା ।
ଯେବେ କଳ୍ପନା କରବେ ମିଳେ ସେହୁ ଦ୍ରବ୍ୟ । କୋଟି ଇନ୍ଦ୍ର ସମ୍ପତ୍ତି ମିଳଇ ଆସି ସର୍ବ ।
କାମଧେନୁକୁ ମନରେ ସ୍ମରଲେ ଋଷି । କୋଟି ଇନ୍ଦ୍ର ସମ୍ପତ୍ତି ପ୍ରାପତ ହେଲା ଆସି ।
ଯାହାର ଯେବଣ ଦ୍ରବ୍ୟ ଖାଇବାକୁ ଇଚ୍ଛା । କାମଧେନୁ ପ୍ରସାଦେ ପୂରଇ ମନୋବାଞ୍ଛା ।
ଦୀନକୃଷ୍ଣ ଦାସ କହେ କରପଦ ଯୋଡ଼ି । ସନ୍ଥଜନମାନଙ୍କର ପାଦତଳେ ପଡ଼ି ।
ନାମରତ୍ନଗୀତା ଏ ଶ୍ରୀ ଗ୍ରନ୍ଥବର ରସ । ସାଧୁଜନମାନେ କ୍ଷମାଇ ତ ଶୋଧିବା ଦୋଷ ।

Digitized by PPRACHIN, SOA

ଅଶେଷ ବାରିଧି ଯେ ଗମନ୍ତେ ସିନ୍ଧୁଜଳ । ବତିଶି ଯୋଜନରେ ଏଥି ନାହିଁ ଥଳ କୂଳ ।
ଗୋଡ଼ରେ ବାହିଲେ କି ସପତ ସିନ୍ଧୁ ଶୁଖେ । ଉଦର ଭରଣ କାହିଁ କରୁଥିବେ ଲୁଚି ।
ପାଦରେ ମାପିଲେ କି ବ୍ରହ୍ମାଣ୍ଡ ହୁଏ ତୋଳ । ପିମ୍ପୁଡ଼ିର ବଳେ କି ପର୍ବତ ହୁଏ ଟାଳ ।
ଲକ୍ଷଜନ୍ମେ ନ ସରଇ କହିଲେ ସରେ ନାହିଁ । ଅଶେଷ ବ୍ରହ୍ମାଣ୍ଡ ନାଥ କଥା ଅଛି ଯହିଁ ।
କୋଟିଏ ବଦନେ ବ୍ରହ୍ମା ନ ପାଇଲେ ନିଶ୍ଚେ । ମାନବ କୋଇଣ ଅବା ମୁଁ କହିବି କିସ ।
ଜଗନ୍ନାଥଙ୍କର ମୋତେ ଅନୁଗ୍ରହ ଯାହା । କଣ୍ଠଗତେ ବସି ଯାହା ଦେଉଥାଅ ତାହା ।
ଯେଉଁ ଗ୍ରନ୍ଥ ଶାସ୍ତ୍ରର ପ୍ରମାଣ ଯେଉଁ ଠାଉ । ବୋଇଲ ଯୋଗାଇଲ ତାଙ୍କ ମୁଖେ ସନ୍ଧି ପାଉ ।
ମୁହିଁ ଯେବେ ଲଜ ପାଇ ଦେହୁ ଲାଜ ପାନ୍ତି । ତେଣୁ ମୋର କୌଣସି କଥାକୁ ତାହିଁ ଭ୍ରାନ୍ତି ।
ଶ୍ରୀମୁଖରେ ଆଜ୍ଞା ଦେଉଅଛନ୍ତି ମୁରାରି । ବୋଇଲେ ଯୋହାଲା ପଦ ସବୁ ମୋର ସରି ।
କଦଳୀପତ୍ରରେ ଯେସନେ ଗୁନ୍ଥି ଫୁଲମାଳ । ନାମ ଯହିଁ ମିଶିଥିବ ସେ ଶାସ୍ତ୍ର ଅମୂଲ୍ୟ ।
ସମସ୍ତ ଭକତମାନଙ୍କ ପାଦେ ମୋର ସେବା । ନାମ ଅଳ୍ପ ଶାସ୍ତ୍ର କେହି ନିନ୍ଦା ନ କରିବା ।
ପାଦପଦ୍ମ ମହିମା ମୁଁ ଲେଖିଅଛି ଯେତେ । କହିଲେ ପାଇବେ ଦୋଷ ନିନ୍ଦୁଅଛି ଏତେ ।
ମାୟାମୋହ ସଂସାର ଏ ଅଗାଧ ପାଥର । ବେଦବ୍ରହ୍ମା ସହିତେ ବୁଡ଼ୁଅଛନ୍ତି ଯହିଁ ବଣା ।
ଭଜନ ମାର୍ଗ ଯେ ଦେହ ଯେତେ ଥାଉ ଥିବ । ଜୀବନ ବନ୍ଧୁଲୀ ପ୍ରାୟେ କହୁଁ ବହୁଁ ଯିବ ।
ପାପ ପୁଣ୍ୟ ଯେନଣ ଏ ମାୟାମୋହ ଦେହ । ଜଳ ମଧ୍ୟ ହୁଇରୁ ଯେ ଏଡ଼ ନହୁଥାଇ ।
ଧନ ଜନ ସମ୍ପଦ ନୁହନ୍ତି କେହି ଲେଖା । ପ୍ରାଣ ଗଲାବେଳେ ଏକା ହରିନାମ ସଖା ।
ଏହଥାକୁ ସୁଜନେ ସହିବ ଯେତେକ ତାପ । ଅହଂକାର ବହିଲେ ପାଇବ ମହାପାପ ।
ବୈଷ୍ଣବଜନମାନଙ୍କର ମୂଳ ଯାଇ ଦାସ । ନାମରତ୍ନଗୀତାରେ ଭଣିଲେ କୃଷ୍ଣଦାସ ।
ଇତି ଶ୍ରୀ ନାମରତ୍ନଗୀତାୟାଂ ଶ୍ରୀହରି ଅର୍ଜୁନ ସମ୍ବାଦେ ନାମ ପଞ୍ଚଦଶୋଽଧ୍ୟାୟଃ ।

ଷୋଡ଼ଶ ଅଧ୍ୟାୟ ।

ଅର୍ଜୁନ ବୋଇଲେ ତୁମ୍ଭେ ହୁଅ ସାବଧାନ । ବ୍ୟାସମୁନି କଥା ଗୋଟି ଶୁଣିଲୁ କର୍ଣ୍ଣ ।
ଶାସ୍ତ୍ରପଥରେ ତୁମ୍ଭଙ୍କୁ ଉଲ୍ଲଘଂଇ ଦେଖି । କହୁଁ କହୁଁ ରହିଲ ଯେ ଏତେକ କଥା ଗୋଟି ।
ଶ୍ରୀହରି ବୋଇଲେ ପାର୍ଥ ତୋତେ ଦେବା କହି । ଋଷିଙ୍କ ମଠରେ ଯେ ରହିଲୁଁ ଦୁନାଭାଇ ।
ବିଶ୍ୱକର୍ମା ନିର୍ମାଣ ସେ ମାୟାଧର ମଠ । ସେଠାବଳୁ ଦିଶୁଅଛି ସ୍ୱର୍ଗପୁର ବାଟ ।
ବାହାରକୁ ଦିଶୁଅଛି ପର୍ଣ୍ଣକୁଟୀ ପ୍ରାୟେ । ଭିତରେ ପଶିଲେ ବାରସ୍ୱତୀ ପୁରମୟେ ।
ମନୋହର ମଠ ତାକୁ ଅଟାନ୍ତର ନାହିଁ । ସ୍ୱର୍ଗ ମର୍ତ୍ତ୍ୟ ବୈକୁଣ୍ଠପୁର ଏକଠାବ ହୋଇ ।
ବେଦ ପଢ଼ି ଶିଷ୍ୟ ଯେ ଖଟନ୍ତି ବ୍ୟାସପାଶ । ସେହି ମଠ ଭିତରେଟି ସମସ୍ତଙ୍କ ବାସ ।
ଏକ୍ ଯେ ଅନେକ ବସ୍ତ୍ର ତହିଁ ରହିଥାନ୍ତି । ଯେ ଯାହାର ଯେତେ ଇଚ୍ଛା ତେତେ ଠାବ ପାନ୍ତି ।
ବିଶ୍ୱକର୍ମା ନିର୍ମାଣ ସେ ପର୍ଣ୍ଣକୁଟୀ ଭଲ । ପିଣ୍ଡା କୋଠୀ ଗମ୍ଭିର ପ୍ରାଙ୍ଗଣ ଅଛି ମେଲ ।
ଋଷିଙ୍କର ମାଳମାଳା ଯେତେ ଅସବାବ । ସେ ମଠ ଭିତରେ ଅଛି ସବୁକୁହିଁ ଠାବ ।
ସ୍ୱର୍ଣ୍ଣଦଣ୍ଡ ବେଦ ଯେବେ ଇନ୍ଦ୍ରହିଁ ବାହିବ । ସେ ମଠ ଭିତରେ ଏକା କଣକେ ରହିବ ।

Digitized by PPRACHIN, SOA

ଅଛୁ ନାହିଁ ବୋଲି କେହି ନ ପାରନ୍ତି ଚେଇ । ଇଷ ପ୍ରାପ୍ତେ ହୋଇ ମଠଦ୍ୱାରେ ରହନ୍ତି
ଏତେ ଚେତେ ବୋଲି ଆଉ କହିବାକୁ ନାହିଁ । ଯେଉଁ ଦ୍ରବ୍ୟ ଲୋଡ଼ିବା ସବୁହିଁ ଅଛି ରହି
ନାନା ରସ ବ୍ୟଞ୍ଜନ ଅମୃତ ଭୋଗବସ୍ତୁ । ଠାବେ ଠାବେ ଗଣ୍ଠିଣ ଅଛନ୍ତି ସର୍ବ ବସ୍ତୁ ।
ନାନା ରତ୍ନେ ମଣ୍ଡିତ ଅଛଇ ହର୍ମ୍ୟପୁର । ବାରସ୍ୱର୍ଣ୍ଣ ଭୂଷିତ ନୃତ୍ୟର ପଟାମ୍ବର ॥
ମଠଦ୍ୱାରେ କାମଧେନୁ ଅଛନ୍ତି ସଂଯୁକ୍ତ । ପାଣିକୁଣ୍ଡ ଘାଟରେ ଛତ୍ରଣ ନାହିଁ ପଡ଼ ।
ଦେଖିକର ଜନଗଣ ହୋଇଲେ ହରଷ । ମୁନିଙ୍କି ବୋଇଲେ ତୁମ୍ଭେ ଶୁଣ ବ୍ରହ୍ମଶିଷ୍ୟ ॥
ଏ ପର୍ବତ ଘର ତୁମ୍ଭେ କରିଅଛ ଋଷି । ବାହାରକୁ ଦିଶୁଁଲେ ଅଳପ ପ୍ରାୟେ ଦିଶି ।
ଭିତରେ ଯେ ଗଢ଼ିଅଛ ବାରସ୍ୱର୍ଗ ପୁରୀ । ଧନ୍ୟ ଧନ୍ୟ ମହିମା ତୁମ୍ଭର ମୁନିବର ॥
ବ୍ୟାସମୁନି ହୋଇଲେ କି କହିବଇଁ ଏଥିତ । ତୁମ୍ଭର ପ୍ରସାଦେ ସବୁ ଗଢ଼ିଅଛ ମୋତେ ।
ଅମୃତ ଭୋଜନ ଯୋଗାଡ଼ ଯେ ଦେଖ ପାଖ । ଏବେ ବାରୁ ମନ୍ତ୍ରଣାହୁ କହିବା ଶୁଣ ବେଗ ॥
ସୁରଥ ସହିତେ ବଳଭଦ୍ର ସଙ୍ଗେ ହେନ । ସ୍ନାନ ସାରଣ ଯେ ଭୁଞ୍ଜିଲେ ସ୍ନାନ ଧନ ॥
ଅନ୍ତମନ ସାରିଣ ତାମ୍ବୁଳ କଲେ ପାନ । ବ୍ୟାସ ମୁନି ସୁହିଁ ପୁଣ କହିଲେ ବଚନ ॥
ବଡ଼ାନ ଅପୂର୍ବ ବୋଲି ଦେଖିଲୁଁ ଯେ ଏଥା । ଆଜକୁ ଗୋଟିଏ ତ ନୂଆ ଏ ବ୍ୟବସ୍ଥା ॥
ବିଶ୍ୱକର୍ମା ନିର୍ମାଣ ଅପୂର୍ବ ଘରଗୋଟି । ବାହାରକୁ ଦିଶଇ ଅଳପପ୍ରାୟେ ସେହି ।
ଭିତରକୁ ପଶିଁଲେ ଏମନ୍ତ ଦିଶୁଅଛି । ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଜଣେହେ ଥିବ ଲୁଚି ।
ଆବର କଥାଏ ତୁମ୍ଭେ ଶୁଣ ବ୍ରହ୍ମସୁତ । ଅପୂର୍ବ ପଦାର୍ଥମାନ କହୁଁ ବଳ ଜାତ ॥
ଷଣ୍ଡପନୀ ଶାକର ଚବାନ୍ତ ହବ୍ୟପଣା । ଡାଳିମ୍ବ କେଶର ଯେ ଅମୃତପାଣି ଜଣା ॥
ଦିଘଡ଼ା ସାଲୁଙ୍କ ବେଣ୍ଟ ପଦ୍ମକର୍ଣ୍ଣିମାଳ । ତାଳସର ଠେଲି ଯେ ନାରଙ୍ଗ ରତ୍ନପଣ ॥
ଘୃତ ପୁଷ୍ପ କାହାଣ ଗୋରସ ଦ୍ରବ୍ୟ ନାନା । ଅଧାନ୍ତ ଶାହର ଯେ ଯୋଗିଆ ଖଣ୍ଡ ଚେହନା ।
ଶାଳୀଅନ୍ନ ବ୍ୟଞ୍ଜନ ସୁପକ୍ୱ ପ୍ରତି ସ୍ଥାନ । କାହୁଁ ଆଣି ଦେବେ ଦ୍ରବ୍ୟ ଭୁଞ୍ଜିଲ ଯେତ ॥
ଅଗୁରୁ ଚନ୍ଦନ ଯେ କସ୍ତୁରୀ ପରିମଳ । ସୁବାସିତ କୁସୁମ ହୋଇସବୁ ଶଣ୍ଡମାଳ ॥
ନାନା ଅଳଙ୍କାର ଯେ ଅପୂର୍ବ ଦ୍ରବ୍ୟ ସ୍ଥାନ । କୁବେର ଭଣ୍ଡାର ଯେ ଏଥିକୁ ନୋହେ ସମ ।
ଅପୂର୍ବ ପଦାର୍ଥମାନ ଦେବତାଙ୍କ ଲାଗି । କାହୁଁ ଆସି ପ୍ରାପତ ହୋଇଲା ଏତେ ବେଗି ।
ଏ ବଚନ ଶୁଣି ଯେ ବୋଇଲେ ବ୍ରହ୍ମଶିଷ୍ୟ । ଅଣାହାର ପ୍ରଭୃତ ଅପୂର୍ବ ଏତେ ରସ ।
କାମଧେନୁ ଗୋଟିଏ ଯେ ଅଛି ଆମ୍ଭ ଘର । କପିଳାଙ୍କ ନନ୍ଦିନୀ ଯେ ଅନାଦି ଦେବଙ୍କ ।
ଏହାଙ୍କର କଲ୍ୟାଣେ ସକଳ ପରକାଶ । ଏହାଙ୍କର ପ୍ରସାଦେ ଅପୂର୍ବ ମୋତେ ଲବ୍ଧ ।
କଳ୍ପନା ମାତ୍ରକେ ଏ ସମସ୍ତ ହୁଏ ଜାତ । ବ୍ରହ୍ମଜ୍ଞାନପୂର୍ବେ ନ ସଙ୍ଗର ମୋର ଚିତ୍ତ ।
କପିଳାଙ୍କ ବତ୍ସା ଏ ଯେ କୌଷଠୀ ନନ୍ଦିନୀ । ତପଃସିଦ୍ଧ ହୋଇଲେ ଗୋଟିଏ ପାଉ ମୁନି ।
ଯେଉଁ ମୁନି ତପେ ସିଦ୍ଧ ନ କରନ୍ତି ଚିତ୍ତ । ତାହାଙ୍କୁ ପ୍ରାପତ ଯେ ନୁହଇ କାମଧେନୁ ।
ତପେ ସିଦ୍ଧ ଅମୃତ ହୋଇଲା ଯହୁଁ ବାଞ୍ଛା । କେଶବଙ୍କର ଗୋମାତା ଅମୃତ ଦେଲେ ବତ୍ସା ।
କାମଧେନୁ ପ୍ରସାଦରୁ ବାଞ୍ଛା କରୁଁ ଯାହା । ସ୍ମରିବା ମାତ୍ରକେ ପ୍ରାପତ ହୋଏ ତାହା ॥
ଏହାଙ୍କର ପ୍ରସାଦେ ଅମୃତ ନାହିଁ ହାନି । ଋଷି ବିପ୍ରମାନଙ୍କ ଏ ଅନ୍ନ ବଣ୍ଟାହାନି ।

Digitized by PPRACHIN, SOA

ବ୍ୟାସଙ୍କ ବଚନେ ଆମ୍ଭେ ଆଜ୍ଞା ଦେଲୁଁ ପାର୍ଥ । ଏହୁ ବେଳେ ତପଃସିଦ୍ଧ ହୋଇଲା ଉଦ୍ଧୃତ ।
